## ଅଲ୍ଲାଃତାଲାଙ୍କ ବାଣୀ

يَاَيُّهَا الَّذِيۡنَ اٰمَنُوا

اتَّقُوا اللّٰهَ حَقَّ تُقٰتِهٖ

وَلَا تَمُوۡتُنَّ اِلَّا وَاَنۡتُمۡ مُّسۡلِمُوۡنَ○

(آل عمران:103)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କ ପାଇଁ ତୁମେମାନେ ସମସ୍ତ ସର୍ତ ସହିତ ଧର୍ମ ପରାୟଣତା ଅବଲମ୍ବନ କର ଏବଂ ସମ୍ପୂର୍ଣ୍ଣ ଆଜ୍ଞା ପାଳନକାରୀ ହୋଇଥିବା ଅବସ୍ଥାରେ ତୁମମାନଙ୍କର ମୃତ୍ୟୁ ହେଉ

*(ଆଲେ ଇମରାନ୍: ୧୦୩)*


بِسۡمِ اللّٰهِ الرَّحۡمٰنِ الرَّحِيۡمِ نَحۡمَدُهٗ وَنُصَلِّيۡ عَلٰى رَسُوۡلِهِ الۡكَرِيۡمِ وَعَلٰى عَبۡدِهِ الۡمَسِيۡحِ الۡمَوۡعُوۡدِ

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 4

ସଂଖ୍ୟା 27

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ଜୁଲାଇ 2019 04 ୱଫା 1398 ହି.ଶ 30 ଶୱାଲ୍ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ଇସଲାମ୍ର ପ୍ରାରମ୍ଭିକ ସମୟରେ ଆତ୍ମରକ୍ଷାମୂଳକ ଯୁଦ୍ଧ ଓ ଶାରୀରିକ ଯୁଦ୍ଧର ଏଥିପାଇଁ ଆବଶ୍ୟକ ପଡ଼ିଥିଲା ଯେ, ଇସ୍‌ଲାମ ଆଡ଼କୁ ନିମନ୍ତ୍ରଣ କରୁଥିବା ଲୋକମାନଙ୍କର ଉତର ସେହି ଦିନ ଗୁଡ଼ିକରେ ପ୍ରମାଣ ଓ ଦଲିଲ ଦ୍ୱାରା ଦିଆଯାଉନଥିଲା ବରଂ ତରବାରୀ ଦ୍ୱାରା ଦିଆଯାଉଥିଲା । ସେଥିଯୋଗୁଁ ନିରୂପାୟ ହୋଇ ଏପରି ଉତରର ଉତର ଦେବା ପାଇଁ ତରବାରୀ ଦ୍ୱାରା କାମ ନେବାକୁ ପଡ଼ିଲା କିନ୍ତୁ ଏବେ ତରବାରୀରେ ଉତର ଦିଆଯାଉନାହିଁ ବରଂ କଲମ ଓ ଦଲିଲ ଦ୍ୱାରା ଇସଲାମ ଉପରେ ଆରୋପ ଲଗାଯାଉଛି ଏହି କାରଣ ଯୋଗୁଁ ଏ ଯୁଗରେ ଈଶ୍ୱର ଏ ଇଚ୍ଛା କରୁଛନ୍ତି କି, ସୈଫ୍ (ତରବାରୀ)ର କାର୍ଯ୍ୟ କଲମ ଦ୍ୱାରା ନିଆଯାଉ ଏବଂ ଲେଖାର ମୁକାବିଲା କରି ବିରୋଧୀମାନଙ୍କୁ ହରାଇ ଦିଆଯାଉ**

**ସେଥିଯୋଗୁଁ ଅଲ୍ଲାଃ ତାଲା ମୋତେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ, ମୁଁ କଲମର ଅସ୍ତ୍ରକୁ ପିନ୍ଧି ସେହି ବିଜ୍ଞାନ ଓ ଉନ୍ନତ ଜ୍ଞାନର କର୍ମ / ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବି ଏବଂ ଇସ୍‌ଲାମର ଆଧ୍ୟାତ୍ମିକ ପରାକ୍ରମ ଓ ଅନ୍ତଃଶକ୍ତିର ଚମତ୍କାରିତା ମଧ୍ୟ ଦେଖାଇବି**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଇସ୍‌ଲାମକୁ ଯୁଦ୍ଧର ଦୁଇଟି ଶକ୍ତି ଦିଆଯାଇଥିଲା

ଏବେ ଦେଖନ୍ତୁ ଏହି 'ରିବାତ୍' ଶବ୍ଦଟିକୁ ଏହା ଏପରି ଏକ ଘୋଡ଼ା ନିମନ୍ତେ ବ୍ୟବହାର କରାଯାଇଥାଏ ଯାହାକୁ ଶତୃଠାରୁ ସୁରକ୍ଷିତ ରହିବା ପାଇଁ ସୀମାରେ ମୁତୟନ କରାଯାଇଥାଏ । ସେହିପରି ଏହି ଶବ୍ଦଟି ଏପରି ବ୍ୟକ୍ତିଙ୍କ ନିମନ୍ତେ ମଧ୍ୟ ବ୍ୟବହାର କରାଯାଏ ଯେଉଁମାନେ ଏହି ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ ପାଇଥିବେ, ଯାହା ମଣିଷର ଭିତରେ ଭିତରେ ସଇତାନ ସହିତ ପ୍ରତିକ୍ଷଣ ଜାରି ରହିଛି । ଏହା ସମ୍ପୂର୍ଣ୍ଣ ଠିକ କଥା ଯେ **ଇସ୍‌ଲାମ୍‌କୁ ଯୁଦ୍ଧ ପାଇଁ ଦୁଇଟି** ଶକ୍ତି ଦିଆଯାଇଅଛି । ଗୋଟିଏ ଶକ୍ତି ତାହା ଥିଲା ଯାହାର ବ୍ୟବହାର ପ୍ରାରମ୍ଭିକ ସମୟରେ ପ୍ରତିରକ୍ଷା ଓ ପ୍ରତିଶୋଧ ପାଇଁ ବ୍ୟବହାର ହୋଇଥିଲା ଅର୍ଥାତ୍ ଆରବର ମୁସ୍‌ରିକ୍‌ମାନେ ଯେବେ ଦୁଃଖ କଷ୍ଟ ଦେଲେ ଓ ହଇରାଣ ହରକତ କଲେ ସେତେବେଳେ ଏକ ହଜାର (ଲୋକ) ଏକ ଲକ୍ଷ କୁଫାର୍ (ଅର୍ଥାତ୍ ଅମାନ୍ୟକାରୀ)ଙ୍କ ସହିତ ମୁକାବିଲା କରି ସାହାସର ପରିଚୟ ଦେଲେ ଏବଂ ପ୍ରତ୍ୟେକ ପରିକ୍ଷାରେ ସେହି ପବିତ୍ର ଶକ୍ତି ଓ ପବିତ୍ର ବୈଭବର ପ୍ରମାଣ ଦେଲେ । ସେହି ସମୟ ବିତିଗଲା, 'ରିବାତ୍' ଶବ୍ଦ ମଧ୍ୟରେ ଯୁଦ୍ଧ କରିବାର ଯେଉଁ ବାହ୍ୟ ଶକ୍ତିପ୍ରଦର୍ଶନ ଓ ଯୁଦ୍ଧ କୌଶଳର ଦର୍ଶନ ନିହିତ ଥିଲା ତାହା ପ୍ରକାଶ ହୋଇଗଲା ।

### ଏ ଯୁଗରେ ଅନ୍ତଃଯୁଦ୍ଧର ନମୁନା ଆବଶ୍ୟକ

ଏବେ ଯେଉଁ ଯୁଗରେ ଆମେ ରହୁଛେ ଏଥିରେ (ସେହି) ପ୍ରକାଶ୍ୟ ଯୁଦ୍ଧର କୌଣସି ଆବଶ୍ୟକତା ନାହିଁ ବରଂ ଏହି ଶେଷ ଦିବସ ଗୁଡ଼ିକର ଅନ୍ତଃଯୁଦ୍ଧର ନମୁନା ପ୍ରଦର୍ଶନ କରିବାର ଥିଲା ଓ ଆଧ୍ୟାତ୍ମିକ ପ୍ରତିଦ୍ୱନ୍ଦିତା ଆଖି ଆଗରେ ରଖାଯାଇଥିଲା କାରଣ ଏବେ ଗୋପନରୂପେ ଧର୍ମ ପରିବର୍ତନ ଓ ଧର୍ମ ବିମୁଖତାର ପ୍ରଚାର ପ୍ରସାର ନିମନ୍ତେ ବଡ଼ ବଡ଼ ସାମାନ ଓ ଅସ୍ତ୍ରଶସ୍ତ୍ର ତିଆରି କରାଯାଇଅଛି । ସେଥିଯୋଗୁଁ ସେ ସବୁର ମୁକାବିଲା କରିବା ସକାଶେ ମଧ୍ୟ ସେହି ପ୍ରକାରର ଅସ୍ତ୍ରଶସ୍ତ୍ରର ଆବଶ୍ୟକ ରହିଛି କାରଣ ଆଜିକାଲି ଶାନ୍ତିର ସମୟ ଚାଲିଛି ଏବଂ ଆମକୁ ପ୍ରତ୍ୟେକ ପ୍ରକାର ସୁବିଧା ଓ ଶାନ୍ତି ଉପଲବ୍ଧ ଅଛି । ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବେ ନିଜ ଧର୍ମର ପ୍ରଚାର ପ୍ରସାର, ତବଲିଗ୍ ଓ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହୋଇପାରୁଛନ୍ତି । ପୁଣି ଇସଲାମ ଯାହା ହେଉଛି ଶାନ୍ତିର ସଚ୍ଚା ବାର୍ତାବହ ବରଂ ବାସ୍ତବିକ ଶାନ୍ତି ଓ ସିଲ୍‌ମ ଏବଂ ବନ୍ଧୁତ୍ୱକୁ ଇସଲାମ୍ ହିଁ ପରିପ୍ରକାଶ କରିଥାଏ ତେଣୁ ଏ ଯୁଗରେ ଯେଉଁଠି ଶାନ୍ତି ଓ ସ୍ୱାଧୀନତା ମିଳିଛି ଏଥିରେ କାହିଁକି ସେ ପୂର୍ବ ଦୃଷ୍ଟାନ୍ତକୁ ଦେଖାଇବାକୁ ପସନ୍ଦ କରିପାରିଥାନ୍ତା ? ତେଣୁ ଆଜିକାଲି ସେହି ଦ୍ୱିତୀୟ ଦୃଷ୍ଟାନ୍ତ ଅର୍ଥାତ୍ ଆଧ୍ୟାତ୍ମିକ ଚେଷ୍ଟା ଦରକାର କାରଣ

**କେ ହଲ୍‌ୱାଚୁ ଇକ୍‌ବାର ଖୁର୍‌ଦନ୍ଦ ୱବସ୍**

### ବର୍ତମାନ ଯୁଗରେ ଯିହାଦ୍

ସେହି ପୂର୍ବ ଦୃଷ୍ଟାନ୍ତକୁ ଦେଖାଇବାରେ ଗୋଟିଏ କଥାର ଆବଶ୍ୟକତା ଥିଲା ଅର୍ଥାତ୍ ସେ ସମୟରେ ପରାକ୍ରମର ପରିପ୍ରକାଶ କରିବା ମଧ୍ୟ ଆବଶ୍ୟକ ଥିଲା ଯାହା ସେ ସମୟରେ ପୃଥିବୀରେ ସବୁଠାରୁ ଅଧିକା ପ୍ରଶଂସନୀୟ ଗୁଣ ରୂପେ ବିବେଚନା କରାଯାଉଥିଲା । କିନ୍ତୁ ବର୍ତମାନ ସମୟରେ ଯୁଦ୍ଧ ତ ଏକ କଳା (ଓ କୌଶଳ) ହୋଇଯାଇଛି ଯେ ଦୁରରେ ରହି ମଧ୍ୟ ଗୋଟିଏ ଲୋକ ତୋପ ଓ ବନ୍ଧୁକ ଚଳାଇପାରେ । ସେହି ଦିନ ଗୁଡ଼ିକରେ ପ୍ରକୃତ ସାହାସୀ ସେହି ବ୍ୟକ୍ତି ଥିଲା ଯିଏ ତରବାରୀ ସମ୍ମୁଖରେ ଛାତି ଦେଖେଇ ଛିଡ଼ା ହେଉଥିଲା । ଆଜିକାଲିର ଯୁଦ୍ଧ କୌଶଳ ତ ଭୀରୁ ମାନଙ୍କ ଦୋଷ ଦୁର୍ବଳତାକୁ ଘୋଡ଼ାଇ ଦେବା ସଦୃଶ । ଏବେ ବୀରତ୍ୱ (ଓ ପରାକ୍ରମ ଦେଖାଇବାର) କାମ ନାହିଁ ବରଂ ଯେଉଁ ବ୍ୟକ୍ତି ନୂତନ ଯୁଦ୍ଧାସ୍ତ୍ର ଓ ନୂଆ ନୂଆ ତୋପ ଇତ୍ୟାଦି ରଖି ତାହାକୁ ଚଳାଇପାରେ ସେହି ବ୍ୟକ୍ତି ସଫଳ ହୋଇପାରିବ । ସେହି ଯୁଦ୍ଧର ଉଦ୍ଦେଶ୍ୟ ମୁମିନ୍‌ମାନଙ୍କର ଅର୍ନ୍ତନିହିତ ସାହାସକୁ ପରିପ୍ରକାଶ କରିବାର ଥିଲା ଓ ଈଶ୍ୱର ଯେପରି ଚାହିଁଲେ ସେ ଖୁବ୍ ଭଲ ଭାବେ ତାହାକୁ ସଂସାରରେ ପ୍ରକାଶ କଲେ । ଏବେ ତାହାର କୌଣସି ଆବଶ୍ୟକତା ନାହିଁ ଏଥିପାଇଁ କି ଏବେ ଯୁଦ୍ଧ କଳା କୌଶଳ, ଯୋଜନା ଏବଂ ଚତୁରତାର ସହ ଧୋକାଦେବାର ରୂପକୁ ଗ୍ରହଣ କରିସାରିଛି ଓ ନୂଆ ନୂଆ ଯୁଦ୍ଧାସ୍ତ୍ର ଓ ନୂଆ ନୂଆ ରଣ କୌଶଳ ସେହି ମୁଲ୍ୟବାନ ଓ ଗର୍ବ ଯୋଗ୍ୟ ବିଶେଷ ଗୁଣକୁ ମାଟିରେ ମିଳାଇ ଦେଇଛି । ଇସଲାମ୍ର ପ୍ରାରମ୍ଭିକ ସମୟରେ ଆତ୍ମରକ୍ଷାମୂଳକ ଯୁଦ୍ଧ ଓ ଶାରୀରିକ ଯୁଦ୍ଧର ଏଥିପାଇଁ ଆବଶ୍ୟକ ପଡ଼ିଥିଲା ଯେ, ଇସ୍‌ଲାମ ଆଡ଼କୁ ନିମନ୍ତ୍ରଣ କରୁଥିବା ଲୋକମାନଙ୍କର ଉତର ସେହି ଦିନ ଗୁଡ଼ିକରେ ପ୍ରମାଣ ଓ ଦଲିଲ ଦ୍ୱାରା ଦିଆଯାଉନଥିଲା ବରଂ ତରବାରୀ ଦ୍ୱାରା ଦିଆଯାଉଥିଲା । ସେଥିଯୋଗୁଁ ନିରୂପାୟ ହୋଇ ଏପରି ଉତରର ଉତର ଦେବା ପାଇଁ ତରବାରୀ ଦ୍ୱାରା କାମ ନେବାକୁ ପଡ଼ିଲା କିନ୍ତୁ ଏବେ ତରବାରୀରେ ଉତର ଦିଆଯାଉନାହିଁ ବରଂ କଲମ ଓ ଦଲିଲ ଦ୍ୱାରା ଇସଲାମ ଉପରେ ଆରୋପ ଲଗାଯାଉଛି ଏହି କାରଣ ଯୋଗୁଁ ଏ ଯୁଗରେ ଈଶ୍ୱର ଏ ଇଚ୍ଛା କରୁଛନ୍ତି କି, ସୈଫ୍ (ତରବାରୀ)ର କାର୍ଯ୍ୟ କଲମ ଦ୍ୱାରା ନିଆଯାଉ ଏବଂ ଲେଖାର ମୁକାବିଲା କରି ବିରୋଧୀମାନଙ୍କୁ ହରାଇ ଦିଆଯାଉ ତେଣୁ ବର୍ତମାନ କଲମର ଉତର କୌଣସି ପ୍ରକାରରେ ତରବାରୀରେ ଦେବାପାଇଁ ଚେଷ୍ଟା କରାନଯାଉ । *ଗରହିଫ୍‌ଜ ମରାତିବ୍ ନକ୍‌ନି ଜିନ୍ଦିକି*

### ବର୍ତମାନ ସମୟରେ କଲମ ର ଆବଶ୍ୟକତା ରହିଛି

ବର୍ତମାନ ଯାହାର ଆବଶ୍ୟକତା ରହିଛି ନିଶ୍ଚିତ ରୂପେ ଏହା ବୁଝି ନିଅ ଯେ, ତାହା ତରବାରୀ ନୁହେଁ ବରଂ କଲମ ର (ଆବଶ୍ୟକତା) ରହିଛି । ଆମ ବିରୋଧୀମାନେ ଇସ୍‌ଲାମ ଉପରେ ଯେଉଁ ଆରୋପ ଲଗାଇଛନ୍ତି ଏବଂ ବିଭିନ୍ନ ପ୍ରକାରର ବିଜ୍ଞାନ ଓ ଚତୁରତାର ସହିତ ଅଲ୍ଲାଃ ତାଲାଙ୍କ ସଚ୍ଚା ଧର୍ମ ଉପରେ ଆକ୍ରମଣ କରିବାକୁ ଚାହିଁଛନ୍ତି, ସେଥିଯୋଗୁଁ ତାହା ମୋତେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ, ମୁଁ କଲମର ଅସ୍ତ୍ରକୁ ପିନ୍ଧି ସେହି ବିଜ୍ଞାନ ଓ ଉନ୍ନତ ଜ୍ଞାନର କର୍ମ / ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବି ଏବଂ ଇସ୍‌ଲାମର ଆଧ୍ୟାତ୍ମିକ ପରାକ୍ରମ ଓ ଅନ୍ତଃଶକ୍ତିର ଚମତ୍କାରିତା ମଧ୍ୟ ଦେଖାଇବି । ମୁଁ କେବେ ବି ଏହି କ୍ଷେତ୍ରର ଯୋଗ୍ୟ ହୋଇପାରିଥାନ୍ତି ? ଏହା ତ କେବଳ ଈଶ୍ୱରଙ୍କ କୃପା ଓ ଅସୁମାରୀ ଅନୁଗ୍ରହ ଯେ, ସେ ଏହା ଚାହୁଁଛନ୍ତି କି ମୋ ପରି ବିନମ୍ର ବ୍ୟକ୍ତିର ହାତରେ ତା'ଧର୍ମର ସମ୍ମାନ ପ୍ରକାଶିତ ହେଉ । ଏକ ସମୟରେ ମୁଁ ସେହି ଆରୋପ (ଓ ଅଭିଯୋଗ) ଓ ଆକ୍ରମଣକୁ ଗଣନା କରିଥିଲି, ଯାହା ସବୁ ଆମ ବିରୋଧୀମାନେ ଇସ୍‌ଲାମ ଉପରେ ଲଗାଇଥିଲେ ସେତେବେଳେ ସେ ସବୁର ସଂଖ୍ୟା ମୋ ଅନୁମାନ ମୁତାବକ ତିନି ହଜାର ଥିଲା ଓ ଏବେ ମୁଁ ଭାବୁଛି ଯେ ଏବେ ତା'ର ସଂଖ୍ୟା ବଢ଼ିଯାଇଥିବ । କୌଣସି ବ୍ୟକ୍ତି ଏକଥା ନ ଭାବୁ ଯେ, ଇସ୍‌ଲାମ୍‌ର ମୂଳଦୁଆ ଏତେ ଦୁର୍ବଳ ଯେ ତା ଉପରେ ତିନି ହଜାର ଆରୋପ ଲଗାଯାଇପାରେ । ନୁହେଁ ଏହା କଦାପି ନୁହେଁ । ଏହି ଆରୋପ ତ ସଂକୀର୍ଣ୍ଣ ମନା ଏବଂ ଅବୋଧ ମାନଙ୍କ ଦୃଷ୍ଟିରେ ଆରୋପ କିନ୍ତୁ ମୁଁ ତୁମକୁ ସତ୍ୟ କହୁଅଛି ଯେ, ମୁଁ ଯେଉଁଠି ଏହି ଆରୋପ ଗୁଡ଼ିକୁ ଗଣନା କରିଛି ସେଠାରେ ଏହା ମଧ୍ୟ ଚିନ୍ତା କରିଛି ଯେ, ସେହି ଆରୋପ ଗୁଡ଼ିକର ତଳେ ବାସ୍ତବିକ ବହୁତ ଦୁର୍ଲଭ ସତ୍ୟତା ମହଜୁଦ ହୋଇ ରହିଛି ଯାହାକୁ ଜ୍ଞାନ ନ ଥିବା ଯୋଗୁଁ ସେମାନଙ୍କୁ ଦେଖା ଯାଉନାହିଁ ତେଣୁ ବାସ୍ତିବିକ ଏହା ଈଶ୍ୱରଙ୍କର ମହିମା ଯେ ଯେଉଁଠି ଅନ୍ଧ ଅଭିଯୋଗକାରୀ ଆସି ରହିଯାଇଛି ସେହିଠାରେ ସତ୍ୟତା ଓ ଜ୍ଞାନର ଲୁକ୍କାୟିତ ଭଣ୍ଡାର ରଖା ଯାଇଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪୯ ରୁ ୫୧, ମଦ୍ରଣ ୨୦୧୮ କାଦିୟାନ)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟରେ ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୦୮ର ଅବଶିଷ୍ଟାଂଶ.....*

ହଜୁର ଅନଓ୍ୱର ଅ.ବ କହିଲେ- ମୋତେ ଖବର ମିଳିଲା କି କେତେକ ସଦର ଏପରି ଅଛନ୍ତି ଯାହାଙ୍କ କାର୍ଯ୍ୟକାଳ ସମୟ ଜୁନ୍ ମାସରେ ସମାପ୍ତ ହେବା ପୂର୍ବରୁ ସେମାନେ ନିଜ କର୍ତବ୍ୟ ସମ୍ପାଦନ କରିବାରୁ ବିମୁଖ ହୋଇବସିଛନ୍ତି । କ'ଣ ସେମାନେ କେବଳ ଏଥିପାଇଁ କାର୍ଯ୍ୟ କରୁଥିଲେ କି ଆମେ ଚିରକାଳ କର୍ମକର୍ତା (ପଦବିରେ) ରହିବୁ । ଏପରି ଚିନ୍ତାଧାରା ଧର୍ମସେବା କରିବାରେ ବିଶ୍ୱାସଘାତକତା ଅଟେ ଏବଂ ବିଦ୍ରୋହ ମୂଳକ ଚିନ୍ତାଧାରା ତଥା ନିଜକୁ ଖଲିଫାଙ୍କ ଆଜ୍ଞାବହତାର ପରିସୀମାରୁ ବାହାରକୁ ନେବା ଅଟେ । ଯେହେତୁ ଉପସ୍ଥିତ ଖଲିଫା ଏହି ନିୟମକୁ ସୀକୃତି ପ୍ରଦାନ କରିଛନ୍ତି କି ଆସନ୍ତାରେ ସଦରଙ୍କ କାର୍ଯ୍ୟାକାଳ ଅବଦ୍ଧି ୬ବର୍ଷ ହେବ ତେଣୁକରି ଆମେ ମଧ୍ୟ ବର୍ତମାନ ପୂର୍ଣ୍ଣ ମନଯୋଗ ସହ କାର୍ଯ୍ୟ କରିବୁ ନାହିଁ। **ଏପରି ଲୋକମାନଙ୍କୁ ଧର୍ମପରାୟଣତା ଅବଲମ୍ବନ କରିବା ଏବଂ ଈଶ୍ୱରଙ୍କୁ ଭୟ କରିବା ଉଚିତ୍** । ହଜରତ ମହମ୍ମଦ ସ.ଅ ଏକଦା ଏହି ଉଦ୍ଦେଶ୍ୟରେ (ସାହାବାମାନଙ୍କ ଠାରୁ) ବୈଅତ ନେଲେ କି ଆମେ ଶୁଣିବୁ ଓ ଆଜ୍ଞା ପାଳନ କରିବୁ ତେବେ ତାହା (ଆଦେଶ) ଆମ ପସନ୍ଦ ମୁତାବକ ହୋଇଥାଉ ଅବା ନାପସନ୍ଦ । ପୁଣି ହଜୁର ସ.ଅ କହିଲେ ଯେ କେହି ଅଲ୍ଲାଃଙ୍କ ଆଜ୍ଞା ପାଳନ କରିବାରୁ ନିଜ ହସ୍ତ ଟାଣିନେଲା ସେ ପଳୟକାରୀ ଦିବସରେ ତାଙ୍କୁ ଏପରି ଅବସ୍ଥାରେ ସାକ୍ଷାତ କରିବ କି ନା ତାହା ନିକଟରେ (ନିଜ ନିର୍ଦୋଷ ହେବାର) କୌଣସି ପ୍ରମାଣ ଥିବ ନା ବାହାନା ଏବଂ ଯେଉଁ ବ୍ୟକ୍ତି ଏପରି ଅବସ୍ଥାରେ ପ୍ରାଣ ତ୍ୟାଗ କରିଥାଏ କି ନା ସେ ଉପସ୍ଥିତ ଇମାମଙ୍କ ବୈଅତ କରିଥିବ, ତେବେ ସେ ମୂର୍ଖ ଓ ପଥଭ୍ରଷ୍ଟତାର ମୃତ୍ୟୁ ବରଣ କରିଥାଏ । ଅତଃ ଆମେମାନେ ଭାଗ୍ୟବାନ କି ଆମେମାନେ ଉପସ୍ଥିତ ଇମାମଙ୍କର ବୈଅତ କରିବାର ସୌଭାଗ୍ୟ ଅର୍ଜନ କରିଅଛେ ଏବଂ ଅମେ ଅଜ୍ଞାନ ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ଯଦି ଆମେ ଯୁଗାବତାରଙ୍କୁ ସ୍ୱୀକାର କରିବା ଅନ୍ତେ ନିଜର ଅମଳ ମୂର୍ଖ ଲୋକମାନଙ୍କ ପରି ରଖିବା ତେବେ ନିଜକୁ ଉକ୍ତ ବୈଅତରୁ ବାହର କରିବା ହେବ ଏବଂ ଅଲ୍ଲାଃତାଲା ଓ ତାଙ୍କ ରସୁଲଙ୍କ ଆଜ୍ଞା ପାଳନ କରିବାରୁ ମଧ୍ୟ ବହିଷ୍କାରକାରୀ ସାବ୍ୟସ୍ତ ହେବା । **ସୁତରାଂ ବୈଅତ କରିବା ଅନ୍ତେ ନିଜ ଚିନ୍ତାଧାରା ସଠିକ୍ ମାର୍ଗରରେ ଏବଂ ପୂର୍ଣ୍ଣ ଆଜ୍ଞାକାରୀତାର ନମୁନା ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ ଅଟେ ।**

ହଜରତ ମସିହ ମଉଦ ଅ.ସ କୁହନ୍ତି- ପବିତ୍ର ହୃଦୟର ସହ ପ୍ରତ୍ୟେକ ଆଦେଶ ପାଳନ କର ଯେପରି ଈଶ୍ୱର (ତୁମ ଉପରେ) ପ୍ରସନ୍ନିତ ହେବେ ଏବଂ ଶତ୍ରୁ ମଧ୍ୟ ଜାଣିନେବ କି ବୈଅତ କରିବା ଅନ୍ତେ ବର୍ତମାନ ଏମାନଙ୍କ ଅବସ୍ଥା ସେପରି ନାହିଁ ଯେପରି ପୂର୍ବେ ଥିଲା । **ମୁକଦ୍ଦମାରେ ସତ୍ୟ ସାକ୍ଷୀ ଦିଅ, ଏହି ଜମାଅତର ଅନ୍ତର୍ଭୁକ୍ତକାରୀଙ୍କୁ ଆବଶ୍ୟକ କି ସେମାନେ ଅଦମ୍ୟ ସାହସ ଓ ପୂର୍ଣ୍ଣ ମନପ୍ରାଣର ସହ ସତ୍‌ପଥର ପଥିକ ହୋଇଯାନ୍ତୁ ।**

ଅଧିକନ୍ତୁ ଅଲ୍ଲାଃ କୁହନ୍ତି ସେହି ଲୋକମାନେ ଦୃଢ ଶପଥ କରିଥାନ୍ତି କି ଯଦି ତୁମେ ଆଦେଶ ଦେବ ତ ଆମେ ନିଶ୍ଚିତ ରୂପେ ଆଦେଶ ପାଳନ କରିବୁ । କିନ୍ତୁ ଯେତେବେଳେ ତାଙ୍କୁ ଆଦେଶ ଦିଆଯାଏ ସେତେବେଳେ ପଛଘୁଂଚା ଦେଇଥାନ୍ତି । ଏଥିଯୋଗୁଁ ଅଲ୍ଲାଃତାଲା କହିଲେ କି ତୁମେମାନେ ଅଧିକ ଓ ବଡ଼ ବଡ଼ ଶପଥ କର ନାହିଁ । ଯଦି କେବଳ ଆଜ୍ଞା ପାଳନ କରିନିଅ, ଏପରି ଆଜ୍ଞାବହତା ଯାହାକୁ ସାର୍ବଜନିକ ସ୍ତରରେ ଆଜ୍ଞାକାରୀତା ବୁଝା ଯାଇଥାଏ ତେବେ ଆମେ ବୁଝିନେବୁ କି ତୁମେ ଆଦେଶ ପାଳନକାରୀ, ନଚେତ୍ କେବଳ ମୁହଁର ରଟନା ଅଟେ । ଅଲ୍ଲାଃତାଲା ତ ତୁମ ଅମଳ ସହ ପୂର୍ଣ୍ଣ ଅବଗତ ଏବଂ ସେ ତୁମ ହୃଦୟର ଅବସ୍ଥା ମଧ୍ୟ ଜାଣନ୍ତି । ଅତଃ ସାର୍ବଜନିକ ଆନୁଗତ୍ୟ ସ୍ୱୀକାର କରିବା ଏହି କି ଯେ, ଅଲ୍ଲାଃଙ୍କ ଆଜ୍ଞା ପାଳନ କର ଏବଂ ତାଙ୍କ ଉପାସନା ମଧ୍ୟ ସୁଚାରୁ ରୂପେ ସମ୍ପାଦନ କର । ରମଜାନର ଏହି ପବିତ୍ର ଅବସରରେ ଆମମାନଙ୍କର ଏଥିପ୍ରତି ଯେଉଁ ଧ୍ୟାନ କେନ୍ଦ୍ରିତ ହୋଇଛି ତାହାକୁ ଅବ୍ୟାହତ ଓ ପ୍ରତିଷ୍ଠିତ ରଖ । ଅଲ୍ଲାଃତାଲାଙ୍କ ଆଦେଶ ମୁତାବକ ଅମଳ କରିବା ସହ ସୃଷ୍ଟି ପ୍ରତି ଥିବା ନିଜ କର୍ତବ୍ୟ ସମ୍ପାଦନ କର ଏବଂ ଯେପରିକି ହଜରତ ମସିହ ମଉଦ ଅ.ସ କୁହନ୍ତି ସମସ୍ତ ପ୍ରକାରର ବିଭ୍ରାଟରୁ ନିବୃତ ରୁହ ଏବଂ ସମସ୍ତ ପ୍ରକାରର ମନ୍ଦକର୍ମ ଓ କଳି ଝଗଡ଼ାରୁ ବର୍ଜି ରୁହ । ଚରିତ୍ରବାନ ହୁଅ, ଏପରି ଉଚ୍ଚ କୋଟିର ଓ ଉତମ ଚରିତ୍ରର ନମୁନା ପ୍ରଦର୍ଶନ କର କି ଅହମଦି ଓ ଅଣଅହମଦି ମଧ୍ୟରେ ପାର୍ଥକ୍ୟ ସ୍ୱଷ୍ଟ ଦୃଶ୍ୟମାନ ହେଉଥିବ । ସତ୍ୟ ଉପରେ ସଦେବ ପ୍ରତିଷ୍ଠିତ ରୁହ, ଏପରିକି ସମସ୍ତ ପ୍ରକାର ପୁଣ୍ୟ ଅର୍ଜନ କରିବା ଜରୁରୀ ଅଟେ ଏବଂ ଏହା ହିଁ ବାସ୍ତବିକ ଆଜ୍ଞାକାରୀତା । ଏହାର ଅଲ୍ଲାଃତାଲା ଓ ରସୁଲ ଆଦେଶ ଦେଇଛନ୍ତି ଏବଂ ହଜରତ ମସିହ ମଉଦ ଅ.ସ ମଧ୍ୟ ନିଜର ଏହି ଆନ୍ତରିକ ଅଭିପ୍ରାୟ ପୂରଣ ହେବାର ମତ ପ୍ରକାଶ ଓ ଆଦେଶ ଦେଇଛନ୍ତି । ଖିଲାଫତ୍ ଅହମଦିୟା ମଧ୍ୟ ଦିର୍ଘ ୧୧୧ ବର୍ଷ ହେଲା ଏହି କାର୍ଯ୍ୟ ପ୍ରତି (ଲୋକମାନଙ୍କ) ଧ୍ୟାନ ଆକର୍ଷିତ କରିଚାଲିଛି । ଅତଏବ ସର୍ବଦା ଏହା ମନେରଖିବା ଉଚିତ୍ ଯେ, ଖିଲାଫତ୍ ତରଫରୁ ମଧ୍ୟ ଅଲ୍ଲାଃତାଲା ଓ ତାଙ୍କ ରସୁଲ ସ.ଅଙ୍କ ଆନୁଗତ୍ୟର ପରିପ୍ରେକ୍ଷୀରେ ଶରିୟତ୍ ଓ ସୁନ୍ନତ ମୁତାବକ ଆଦେଶ ଦିଆଯାଇଥାଏ ଏବଂ ଦିଆଯାଉଥିବ । ଅଲ୍ଲାଃତାଲା କହିଛନ୍ତି ଯଦି ଆଜ୍ଞା ପାଳନ କରିବ ତେବେ ସତ୍‌ପଥ ପ୍ରାପ୍ତି କରିନେବ ନଚେତ୍ ମୁକ୍ତିର ଅନ୍ୟ କୌଣସି ପଥ ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଯଦି ଖିଲାଫତ୍‌ର ପୁରସ୍କାରରୁ ସଠିକ୍ ରୂପେ ଉପକୃତ ହେବାର ଅଛି ତେବେ କେବଳ ନିଜ ଉପାସନାର ସୁରକ୍ଷା କରିବା ଜରୁରୀ ନୁହେଁ, ବରଂ ସାଂସାରିକ ମୋହମାୟା ଓ କାମନା ମୂଳକ ଶିର୍କରୁ ନିବୃତ ରହିବା ଜରୁରୀ ଅଟେ । ଉପସ୍ଥିତ ଖଲିଫାଙ୍କର ପୂର୍ଣ୍ଣ ଆଜ୍ଞାକାରୀ ହେବା ମଧ୍ୟ ଜରୁରୀ ନଚେତ୍ (ତୁମେ) ଅମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବ । ଯେପରିକି ହଜରତ ମସିହ ମଉଦ ଅ.ସ କୁହନ୍ତି କି ବୈଅତରୁ ମଧ୍ୟ ବାହାରକୁ ଚାଲିଯିବ । ଅତଏବ ଅଲ୍ଲାଃତାଲାଙ୍କ କରୁଣା ଆକର୍ଷିତ କରିବା ନିମନ୍ତେ ନିଜ ଅବସ୍ଥାକୁ ସଂଶୋଧନ କରିବା ଜରୁରୀ ଅଟେ ଏବଂ ଯେତେବେଳେ ଅଲ୍ଲାଃତାଲାଙ୍କ କରୁଣା ଆମମାନଙ୍କୁ ନିଜ ଦୟା ଓ କରୁଣାର ଚାଦରରେ ଢାଙ୍କି ଦେବ ସେତେବେଳେ ଶତ୍ରୁର ପ୍ରତ୍ୟେକ ମନ୍ଦ ଯୋଜନା ତାହା ଉପରକୁ ଓଲଟାଇ ଦିଆଯିବ ଏବଂ ସେମାନେ ନିଜର ଘୃଣ୍ୟ ପରିଣତି ନିକଟରେ ପହଂଚି ଯିବେ । **ଇନ୍‌ଶା ଅଲ୍ଲାଃ** । ବର୍ତମାନ ମୁଁ ହଜରତ ମୁସଲେହ ମଉଦ ର.ଅ ମାଧ୍ୟମରେ କେତେକ କଥା ଉପସ୍ଥାପନ କରିବି ହଜରତ ମସିହ ମଉଦ ଅ.ସଙ୍କ ଦେହାବସାନ ପରେ ଜମାଅତକୁ କିଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା ଯାହାକି ପ୍ରତ୍ୟେକଙ୍କୁ ଅଧିର କରିଦେଇଥିଲା ଏବଂ ତା'ପରେ ଖିଲାଫତ୍ ଶାନ୍ତିପ୍ରଦ ଅବସ୍ଥାକୁ ଫେରାଇ ଆଣିଥିଲା ।

ଆପଣ କୁହନ୍ତି ହଜରତ ମସିହ ମଉଦ ଅ.ସଙ୍କ ଦେହାନ୍ତ ସମୟରେ ଜମାଅତର ମାନସିକ ଅବସ୍ଥା ସେହିପରି ଥିଲା ଯେପରିକି ହଜରତ ମହମ୍ମଦ ସ.ଅଙ୍କ ଦେହାନ୍ତ ସମୟରେ ସାହାବାଙ୍କର ଅବସ୍ଥା । ଆମ ସମସ୍ତଙ୍କର ଏହି ଧାରଣା ଥିଲା କି ହଜରତ ମସିହ ମଉଦ ଅ.ସ ଏବେ ଦେହ ତ୍ୟାଗ କରିପାରିବେ ନାହିଁ । ପରିଣାମସ୍ୱରୂପ ଆମ ହୃଦୟରେ ମୁହୂର୍ତକ ପାଇଁ ମଧ୍ୟ ଏହି ଭାବନା ଉଙ୍କି ମାରି ନଥିଲା କି ହଜରତ ମସିହ ମଉଦ ଅ.ସଙ୍କ ଦେହାନ୍ତ ପରେ କ'ଣ ହେବ । କାରଣ ଆମର ଅବସ୍ଥା ଏଭଳି ଥିଲା କି ଆମେମାନେ ଚିନ୍ତା କରିନେଇଥିଲୁ ହଜରତ ମସିହ ମଉଦ ଅ.ସ ବର୍ତମାନ ସୁଧା ଦେହ ତ୍ୟାଗ କରିନାହାନ୍ତି କିନ୍ତୁ ଯେତେବେଳେ ବାସ୍ତବରେ ହଜୁର ଅ.ସଙ୍କ ଦେହାନ୍ତ ଘଟିଲା ସେତେବେଳେ ଆମ୍ଭମାନକୁ ଏହି ନିରାଟ ସତ୍ୟ ସ୍ୱୀକାର କରିବା ବଡ଼ କଷ୍ଟସାଧ ହୋଇଗଲା କି ଆପଣ ଏହି ଇହଧାମରୁ ବିଦାୟ ନେଇ ଯାଇଛନ୍ତି । ଆପଣ ଉଲ୍ଲେଖ କରିଛନ୍ତି କି ଯେତେବେଳେ ହଜରତ ମସିହ ମଉଦ ଅ.ସଙ୍କ ପବିତ୍ର ମର ଶରୀର କାଦିୟାନ ଆଣି ବଗିଚାର ଏକ କୋଠରୀରେ ରଖାଗଲା, ସେତେବେଳେ ସମ୍ଭବତଃ ୮/୯ଘଟିକା ହୋଇଥିବ ଖ୍ୱାଜା କମାଲୁଦ୍ଦିନ ସାହେବ ବଗିଚାରେ ପହଂଚି ମୋତେ ଏକ ପାର୍ଶ୍ୱକୁ ନେଇଯାଇ କହିଲେ- ମିଆଁ କିଛି ଚିନ୍ତା କରିଛ କି ବର୍ତମାନ ହଜୁର ଅ.ସଙ୍କ ଅନ୍ତେ କ'ଣ ହେବ । ମୁଁ ଉତର ଦେଲି କିଛି ତ ହେବା ଉଚିତ୍ କିନ୍ତୁ କ'ଣ ହେବ ସେଥି ସମ୍ବନ୍ଧରେ କିଛି କହିପାରିବି ନାହିଁ । ପୁନଶ୍ଚ ସେ କହିଲେ ମୋ ମତରେ ଆମ ସମସ୍ତଙ୍କୁ ହଜରତ ମୌଲବି ସାହେବ (ମୌ.ହକିମ ନୁରୁଦ୍ଦିନ ସାହେବ)ଙ୍କୁ ପ୍ରଥମ ଖଲିଫା ସ୍ୱୀକର କରି ତାଙ୍କ ହସ୍ତରେ ବୈଅତ କରିନେବା ଉଚିତ୍ । ଆପଣ କୁହନ୍ତି ଯେ, ସେତେବେଳେ ମୋ ବୟସ କିଛି କମ୍ ଓ କିଛି ମୋର ସୀମିତ ଜ୍ଞାନ ହେତୁ ମୁଁ କହିଲି ହଜରତ ମସିହ ମଉଦ ଅ.ସ ତ କୌଣସି ସ୍ଥାନରେ ଉଲ୍ଲେଖ କରି ନାହାନ୍ତି କି ଆପଣଙ୍କ ଅନ୍ତେ ଅନ୍ୟ କାହାର ବୈଅତ କରିନେବ ତେବେ ହଜରତ ମୌଲବି ସାହେବଙ୍କର କାହିଁକି ବୈଅତ କରିବା । ଆପଣ ଲେଖନ୍ତି ଯଦିଓ ଅଲ୍‌ୱସିୟତ୍‌ରେ ଏଥିସମ୍ବନ୍ଧରେ ହଜୁର ଅ.ସ ଉଲ୍ଲେଖ କରିସାରିଥିଲେ କିନ୍ତୁ ସେତେବେଳେ ମୋର ବୁଦ୍ଧି ସେଥିପ୍ରତି କେନ୍ଦ୍ରିଭୂତ ହୋଇନଥିଲା । ପୁନଶ୍ଚ ଖ୍ୱାଜା ସାହେବ ଦ୍ୱିତୀୟ ଖଲିଫାଙ୍କୁ କହିଲେ, ମୌଲବି ମହମ୍ମଦ ଅଲୀ ସାହେବଙ୍କର ମଧ୍ୟ ଏହି ରାଏ କି ଜମାଅତର ସମସ୍ତ ସଦସ୍ୟବୃନ୍ଦଙ୍କୁ ମୌଲବି ସାହେବଙ୍କ ବୈଅତ କରିନେବା ଉଚିତ୍ । ଆପଣ କୁହନ୍ତି କି ଶେଷରେ ସମଗ୍ର ଜମାଅତର ସହମତିକ୍ରମେ ଖଲିଫା ଅଓ୍ୱଲଙ୍କ ସେବାରେ ନିବେଦନ କରାଗଲା କି ଆପଣ ଲୋକମାନଙ୍କ ଠାରୁ ବୈଅତ ନିଅନ୍ତୁ । ବସ୍ତୁତଃ ବଗିଚାରେ ସମସ୍ତେ ଏକତ୍ରିତ ହେଲେ ଏବଂ ହଜରତ ଖଲିଫା ଅଓ୍ୱଲ ଏକ ଅଭିଭାଷଣ ଦେଇ କହିଲେ ମୋତେ ଇମାମ ହେବାର କୌଣସି ଇଚ୍ଛା ନାହିଁ, ମୁଁ ତ ଚାହୁଁଛି ଅନ୍ୟ କାହାରି ବୈଅତ କରିନିଅ କିନ୍ତୁ ଆମେ ସମସ୍ତେ ଏକମତ ହୋଇ କହିଲୁ କି ଏହି ଖିଲାଫତ୍‌ର ଆସନ ନିମନ୍ତେ ଆପଣ ହିଁ ଉପଯୁକ୍ତ ପ୍ରାର୍ଥୀ । ଏପରି ସମସ୍ତେ ଆପଣଙ୍କ ହସ୍ତରେ ବୈଅତ କରିନେଲେ । ହଜୁର ଅନଓ୍ୱର ଅ.ବ କହିଲେ କେତେକ ରେଓ୍ୱାୟତ୍ ମୁତାବକ ଖ୍ୱାଜା ସାହେବ ଏହି ଘୋଷଣା ମଧ୍ୟ ପ୍ରକାଶିତ କରିଥିଲେ କି ଅଲ୍‌ୱସିୟତ୍ ପତ୍ରିକା ଅନୁଯାୟୀ ଆମ୍ଭମାନଙ୍କୁ ନିଜର ଜଣେ ଆଜ୍ଞାବହ ଖଲିଫାଙ୍କର ଚୟନ କରିନେବା ଉଚିତ୍ । ଏଥିନିମନ୍ତେ ହଜରତ ଖଲିଫତୁଲ୍ ମସିହ ଅଓ୍ୱଲଙ୍କ ନାମାଙ୍କିତ ହୋଇଥିଲା । ସେମାନେ ପ୍ରଥମ ଖଲିଫାଙ୍କର ବୈଅତ ତ କରିନେଇଥିଲେ କିନ୍ତୁ ଯେଭଳି ହୃଦୟରୁ ଖଲିଫାଙ୍କ ଆଜ୍ଞାବହ ହେବା ଉଚିତ୍ ସେହିପରି ସେମାନେ ଆଜ୍ଞାକାରୀ ହୋଇନଥିଲେ । ସେମାନେ ଏହି ଯୋଜନା ଓ ଚିନ୍ତାରେ ରହିଥିଲେ କି କିଭଳି ଖିଲାଫତ୍ ଅପେକ୍ଷା ଅଞ୍ଜୁମନ୍‌କୁ ଉର୍ଦ୍ଧ୍ୱ ସାବ୍ୟସ୍ତ କରିଦେବା । ତା'ପରେ ସମସ୍ତ କ୍ଷମତା ଅଞ୍ଜୁମନ୍ ମାଧ୍ୟମରେ ନିଜ ଅଧିକାରକୁ ନେଇଯିବା । ହଜରତ ମୁସଲେହ ମଉଦ ର.ଅ କୁହନ୍ତି କି ବର୍ତମାନ ଆପଣଙ୍କ ବୈଅତ କରିବାକୁ ମାତ୍ର ୧୫/୨୦ଦିନ ହୋଇଥିବ କି ଏକଦା ମୌଲବି ମହମ୍ମଦ ଅଲୀ ମୋତେ ସାକ୍ଷାତ କରି କହିଲେ ମିଆଁ କଦାଚିତ ଆପଣ ଏଥିସମ୍ବନ୍ଧରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି କି ଆମ ସିଲ୍‌ସିଲାର ବ୍ୟବସ୍ଥା କିଭଳି ଚାଲିବ । ମୁଁ ଉତର ଦେଲି ଏଥିସମ୍ବନ୍ଧରେ ଚିନ୍ତା କରିବାର କ'ଣ ଅଛି, ଆମେ ତ ହଜରତ ମୌଲବି ସାହେବଙ୍କ ହସ୍ତରେ ବୈଅତ କରିନେଇଛେ । ପୁନଶ୍ଚ ସେ କହିଲେ ତାହା ତ ସତ କିନ୍ତୁ ପ୍ରଶ୍ନ ଉଠୁଛି ସିଲ୍‌ସିଲାର ବ୍ୟବସ୍ଥା କିଭଳି ଚାଲିବ । ମୁଁ ଉତର ଦେଲି ମୋ ନିକଟରେ ଏକଥା ଚିନ୍ତା କରିବା ହିଁ ନିରର୍ଥକ କାରଣ ଯେତେବେଳେ ଆମେ ଜଣକ ହାତରେ ବୈଅତ କରିନେଲେ ସେତେବେଳେ ସେ ଏହି ମାମଲା ବେଶ୍ ଭଲ ଭାବରେ ବୁଝୁଥିବେ କି କିଭଳି ସିଲ୍‌ସିଲାର ବ୍ୟବସ୍ଥାକୁ ପରିଚାଳିତ କରିବା ଉଚିତ୍ । ଆମକୁ ଏଥିରେ ଦଖଲ ଦେବାର ଆବଶ୍ୟକତା କ'ଣ ଅଛି । ଏଥିରେ ସେ ନିରବ ହୋଇଗଲେ କିନ୍ତୁ କହିଲେ ଏକଥା ଚିନ୍ତା କରିବା ଯୋଗ୍ୟ, ମୋର ଆଶ୍ୱସ୍ତି ହେଲା ନାହିଁ । ତେବେ ଏହି କଥାରେ ସେମାନଙ୍କ ଆନ୍ତରିକ ଅବସ୍ଥାର ଖବର ମିଳୁଅଛି ଯେ, ହଜରତ ଖଲିଫତୁଲ୍ ମସିହ ଅଓ୍ୱଲଙ୍କ ବୈଅତ ମଧ୍ୟ (ସେମାନେ) କୌଣସି ଉଦ୍ଦେଶ୍ୟ ହାସଲ କରିବା ପାଇଁ କରିଥିଲେ, ଅନ୍ତରରୁ (ବୈଅତ) କରିନଥିଲେ । ତେଣୁ ସେମାନଙ୍କ ହୃଦୟ ମଧ୍ୟ ଅସ୍ଥିର ଓ ଅଶାନ୍ତ ଥିଲା । ସେମାନେ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

''ଏ କେବଳ ହିଁ କେବଳ ଅଲ୍ଲାଃ ତାଲାଙ୍କ କୃପା ଯେ ସେ ଆମକୁ ଏହି ମରକଜ୍ ପ୍ରଦାନ କରିଛନ୍ତି ।

ଶତ୍ରୁମାନେ ମନେ ମନେ ଯେଉଁ କରୁଣା ଓ ବରକତ୍‌କୁ ଆମଠାରୁ ଛଡ଼ାଇନେବା ପାଇଁ ଚାହୁଁଥିଲେ, ଅଲ୍ଲାଃ ତାଲା ପୂର୍ବଠାରୁ ବଳି ଆଉ କେତେ ଗୁଣା ଅଧିକା କରି ଏହି ମସଜିଦ୍ ଓ ମରକଜ୍‌ର ଉନ୍ନତିର ଦୃଶ୍ୟ ଦେଖାଇଲେ । ଯମାତ ଅହେମଦିୟାର ଉନ୍ନତି ଅଲ୍ଲାଃ ତାଲାଙ୍କ ଦୟା ବଳରୁ ହିଁ ହୋଇଥାଏ । ନା'ତ ପୃଥିବୀର କୌଣସି ରାଷ୍ଟ୍ର ଏହାର ଉନ୍ନତି କୁ ରୋକିପାରିବ ଓ ନା'ତ ଯମାତ ଅହେମଦିୟାକୁ ଉନ୍ନତି କରିବାପାଇଁ କୌଣସି ରାଷ୍ଟ୍ରଠାରୁ ସାହାଯ୍ୟ ନେବାପାଇଁ ଆବଶ୍ୟକତା ରହିଛି ।

ଆମେ ଯେ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ପରିଚାଳିତ ହେଉଥିବା, ଯେ ପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ସାନ୍ନିଧ ପ୍ରାପ୍ତ କରିବାପାଇଁ ଚେଷ୍ଟା କରିଚାଲିବା ସେ ପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ କରୁଣାକୁ ପ୍ରାପ୍ତ କରି ଉକ୍ତ ଉନ୍ନତିର ଅଂଶିଦାର ହୋଇ ଚାଲିବା ।

ଯେଉଁ ଲୋକମାନେ ଏଠାରେ ମରକଜ୍ ନିର୍ମାଣ ହେବା ଯୋଗୁଁ ଏଠାରେ ଥିବା ଜନବସତିର ଆଖପାଖରେ ବସତି ସ୍ଥାପନ କରିବା ପାଇଁ ଚେଷ୍ଟା କରୁଛନ୍ତି ସେମାନେ ଏ ଚେଷ୍ଟା କରିବା ଉଚିତ ଯେ, ନିଜର ଚାଲିଚଲଣକୁ ଏପରି କରନ୍ତୁ ଯେ, ଏ ଇଲାକାରେ ଅହେମଦିୟତ ଏବଂ ଇସଲାମର ବାସ୍ତବିକ ଚେହେରା ଲୋକମାନଙ୍କୁ ଦୃଷ୍ଟିଗୋଚର ହେଉ ।

ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ ନିମନ୍ତେ ଏହା ଜରୁରୀ ଅଟେ ଯେ, ଆମର କଥା, ଆମର କର୍ମ, ଆମର ଶିକ୍ଷା ଏବଂ ଆମର କାର୍ଯ୍ୟନମୁନାରେ ସମାନ ହେଉଥିବ ।

ମସଜିଦ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ଅଛି ସେଗୁଡ଼ିକୁ ଯେବେ ଆମେ ପୂରଣ କରିବା ସେତେବେଳେ ଆମକୁ ପୁରସ୍କାର ମିଳିବ ।

ଜଣେ ପ୍ରକୃତ ଉପାସନାକାରୀ ଯିଏ ଅଲ୍ଲାଃ ତାଲାଙ୍କ ନିମନ୍ତେ ନିଷ୍ଠାର ସହିତ ଉପାସନା କରିଥାଏ ସେ ନା'କେବଳ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉତ୍ତମ କରି ଗଢ଼ିତୋଳିଥାଏ ବରଂ ଅଲ୍ଲାଃ ତାଲାଙ୍କ ସହିତ ସୁସମ୍ପର୍କ ବଢ଼ାଇଥାଏ ଓ ନିଜର ଶାରିରୀକ ଅବସ୍ଥା ମଧ୍ୟ ଠିକ୍ କରି ରଖିଥାଏ ଏବଂ ଅଲ୍ଲାଃ ତାଲାଙ୍କ ପୁରସ୍କାର ଗୁଡିକର ମଧ୍ୟ ତାହାଙ୍କ ପ୍ରସନ୍ନତା ଲାଭ କରିବାପାଇଁ ବ୍ୟବହାର କରିଥାଏ ।

ଏହି ମରକଜ୍‌ଟି ନିର୍ମାଣ ହେବାରେ ଯେଉଁଠି ଆମକୁ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରି ଉପାସନାର ସ୍ତରକୁ ଉଚ୍ଚ କରିବାର ଆବଶ୍ୟକତା ରହିଛି ସେଠି ଚାରିତ୍ରିକ ସ୍ତରକୁ ମଧ୍ୟ ଉଚ୍ଚ କରିବାର ଆବଶ୍ୟକତା ରହିଛି । ଏହି ରମଜାନ ମାସକୁ ଏ ଦୃଷ୍ଟିକୋଣରୁ ମଧ୍ୟ ସ୍ୱତନ୍ତ୍ରରୂପେ ପାଳନ କରନ୍ତୁ ଯଦ୍ୱାରା ନିଜ ଘରକୁ ମଧ୍ୟ ଏ ମାସର ବରକତରୁ ଅଂଶୀଦାର କରିପାରିବେ ।

ଅହେମଦିୟତର ନୂତନ ମରକଜ୍ ଇସଲାମାବାଦ (ଟିଲ୍‌ଫୋର୍ଡ଼)ରେ ନୂତନ ରୂପେ ନିର୍ମାଣ କରାଯାଇଥିବା ''ମସ୍‌ଜିଦ୍ ମୁବାରକ୍‌ର ଶୁଭଉଦ୍‌ଘାଟନ ଅବସରରେ ସ୍ମୃତିଫଳକର ଉନ୍ମୋଚନ ଏବଂ ସଜଦାଏ ଶୁକର୍

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**

**(ପ୍ରଦତ୍ତ: ୧୭ ମଇ ୨୦୧୯ ଅନୁଯାୟୀ ୧୭ ହିଜ୍‌ରତ୍ ୧୩୯୮ ହିଜ୍‌ରି ଶମ୍‌ସି)**

ହଜରତ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଖୁତ୍‌ବା ଜୁମା ପୂର୍ବରୁ ମସ୍‌ଜିଦ୍ ମୁବାରକ ଇସଲାମାବାଦ୍‌ର ନିୟମିତ ରୂପେ ଉଦ୍‌ଘାଟନ କରି ଉଦ୍‌ଘାଟନୀ ଫଳକକୁ ଉନ୍ମୋଚନ କଲେ । ମସଜିଦ୍ ଭିତରେ ପ୍ରବେଶ କରି କହିଲେ:

ଅସ୍‌ସଲାମୁ ଆଲିକୁମ୍ ଓ୍ୱ ରହମତୁଲ୍ଲାହି । ଏବେ ବାହାରେ ମୁଁ ମସଜିଦର ଯେଉଁ ଉଦଘାଟନୀ ଫଳକକୁ ଉନ୍ମୋଚନ କଲି ଏହା ଦ୍ୱାରା ତ ଉଦ୍‌ଘାଟନ ହୋଇଗଲା । ହଜରତ ଖଲିଫତଲ୍ ମସିହ ସାନି ର:ଅ ଯେତେବେଳେ ରବ୍‌ୱାରେ ଥିବା ମସଜିଦ ମୁବାରକର ଉଦଘାଟନ କଲେ ସେ ସମୟରେ କହିଥିଲେ ଯେ, ଉଦଘାଟନ ହେବା ପୂର୍ବରୁ ଦୁଇଟି ନଫଲ୍ ପଢ଼ିବାର ବ୍ୟବସ୍ଥା ହେବା ଉଚିତ କିନ୍ତୁ ସେ ସମୟରେ ସେଠାରେ ବ୍ୟବସ୍ଥା ହୋଇପାରିନଥିଲା ତେଣୁ ସେ କହିଲେ ଯେ ଆମେ ସଜ୍‌ଦାଏ ଶୁକର (କୃତଜ୍ଞତା ଜ୍ଞାପନ ମୂଳକ ସଜ୍‌ଦା) କରିବୁ । *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୩୨, ପୃ-୪୯ ରୁ ୪୯, ଖୁତ୍‌ବା ଜୁମା ପ୍ରଦତ ୨୩ ମାର୍ଚ୍ଚ ୧୯୫୧)*

ସାଧାରଣତ ରିଓ୍ୱାୟତ ଏହା ଅଛି ଯେ, ମୁଁ ଯେବେ ଉଦ୍‌ଘାଟନୀ ଫଳକକୁ ଉନ୍ମୋଚନ କରାଇଥାଏ ସେତେବେଳେ ଦୁଆ କରାଇଥାଏ । ଆଜି ଉକ୍ତ ଶୈଳୀ ଉପରେ ପରିଚାଳିତ ହୋଇ ଦୁଆ କରିବା ପରିବର୍ତ୍ତେ ଏବେ ମୁଁ ସଜ୍‌ଦାଏ ଶୁକର କରିବି । ଆପଣ ମାନେ ମୋ ସହିତ ଏଥିରେ ସାମିଲ ହୁଅନ୍ତୁ । ଅଲ୍ଲାଃ ତାଲା ଗୋଟିଏ ଛୋଟ ମରକଜ ଆମକୁ ପ୍ରଦାନ କରିଛନ୍ତି, ଏହି ମସଜିଦ ପ୍ରଦାନ କରିଛନ୍ତି । ଏହାପରେ ପୁଣି ନିୟମିତ ରୂପେ ଖୁତ୍‌ବା ଆରମ୍ଭ ହେବ । ସଜ୍‌ଦାଏ ଶୁକର କରି ନିଅ । (ଏ କଥା ଶୁଣି ହଜୁର ଅନଓ୍ୱରଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ ଲୋକେ ସଜ୍‌ଦାଏ ଶୁକର କଲେ)

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

قُلْ أَمَرَ رَبِّيْ بِالْقِسْطِ وَأَقِيْمُوْا وُجُوْهَكُمْ عِنْدَ كُلِّ مَسْجِدٍ وَّادْعُوْهُ مُخْلِصِيْنَ لَهُ الدِّيْنَ كَمَا بَدَاَكُمْ تَعُوْدُوْنَ. فَرِيْقًا هَدٰى وَفَرِيْقًا حَقَّ عَلَيْهِمُ الضَّلٰلَةُ إِنَّهُمُ اتَّخَذُوا الشَّيٰطِيْنَ أَوْلِيَآءَ مِنْ دُوْنِ اللّٰهِ وَيَحْسَبُوْنَ اَنَّهُمْ مُّهْتَدُوْنَ. يٰبَنِيْٓ اٰدَمَ خُذُوْا زِيْنَتَكُمْ عِنْدَ كُلِّ مَسْجِدٍ وَّكُلُوْا وَاشْرَبُوْا وَلَا تُسْرِفُوْا اِنَّهٗ لَا يُحِبُّ الْمُسْرِفِيْنَ - (الاعراف:30 تا 32)

ଉପରୋକ୍ତରେ ବର୍ଣ୍ଣିତ ଆୟତର ଅନୁବାଦ ହେଲା, (ତୁମ୍ଭେ) କୁହ ଆମ୍ଭର ପାଳନକର୍ତ୍ତା ନ୍ୟାୟ କରିବା ପାଇଁ ଆମ୍ଭଙ୍କୁ ନ୍ୟାୟର ଆଦେଶ ଦେଇଛନ୍ତି ଯେ. ପ୍ରତ୍ୟେକ ଉପାସନା ସ୍ଥାନ (ଓ ସମୟ)ରେ ନିଜର ଧ୍ୟାନ ଠିକ୍ କରିନିଅ ଓ ଅଲ୍ଲାଃଙ୍କୁ ହିଁ ଉପାସନା ଯୋଗ୍ୟ ମନେକରି ତାହାଙ୍କୁ ଡାକ; ଯେପରି ସେ ତୁମମାନଙ୍କୁ ପ୍ରଥମ ସୃଷ୍ଟି କରିଥିଲେ ସେହିପରି ଅବସ୍ଥାରେ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରିବାକୁ ହେବ । ସେ ଗୋଟିଏ ଦଳକୁ ପଥପ୍ରଦର୍ଶନ କରିଛନ୍ତି ଏବଂ ଅନ୍ୟ ଏକ ଦଳ ପାଇଁ ପ୍ରଥଭ୍ରଷ୍ଟତା ସିଦ୍ଧ ହୋଇଛି; ସେମାନେ ଅଲ୍ଲାଃଙ୍କୁ ପରିତ୍ୟାଗ କରି ଶୈତାନକୁ ବନ୍ଧୁ ରୂପେ ଗ୍ରହଣ କରିଛନ୍ତି ଏବଂ ସେମାନେ ମନେ କରନ୍ତି ଯେ, ସେମାନଙ୍କୁ ସତ୍‌ପଥ ପ୍ରାପ୍ତ ହୋଇଛି । ହେ ଆଦମଙ୍କ ସନ୍ତାନମାନେ ! ତୁମେମାନେ ପ୍ରତ୍ୟେକ ଉପାସନା ସ୍ଥାନ ଓ ସମୟରେ ଭୂଷଣ ସାମଗ୍ରୀ ଧାରଣ କର ଓ ମନ ନିର୍ମଳ କର ଏବଂ ଭୋଜନ କର ଓ ପାନ କର ଏବଂ ଅପଚୟ କର ନାହିଁ, କାରଣ ସେ ଅର୍ଥାତ୍ ଅଲ୍ଲାଃ ଅପବ୍ୟୟକାରୀମାନଙ୍କୁ ପସନ୍ଦ କରନ୍ତି ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅଲହମଦୁ ଲିଲ୍ଲାଃ ଅଲ୍ଲାଃ ତାଲା ଆମମାନଙ୍କୁ ଆଜି ଇସଲାମାବାଦ୍ ସ୍ଥିତ ମସଜିଦରେ ନମାଜ ପଢ଼ିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଯେପରି କି କିଛି ଯୁମା ପୂର୍ବରୁ ମୁଁ ଇସଲାମାବାଦ ସ୍ଥାନାନ୍ତର ହେବା ସମ୍ବନ୍ଧରେ କହିଥିଲି ଯେ, ମସ୍‌ଜିଦ୍ ଫଜଲ୍ ସହିତ ସଲଗ୍ନ ଥିବା କାର୍ଯ୍ୟାଳୟ ଇତ୍ୟାଦିରେ କାର୍ଯ୍ୟ କରିବା ବହୁତ ଅସୁବିଧା ହେଉଥିଲା ତେଣୁ କାର୍ଯ୍ୟାଳୟ ଗୁଡ଼ିକ ନିମନ୍ତେ ଉତ୍ତମ ଓ ଖୋଲା ସ୍ଥାନର ଆବଶ୍ୟକତା ଥିଲା ଯାହା ବର୍ତ୍ତମାନ ଅଲ୍ଲାଃ ତାଲାଙ୍କ କୃପା ବଳରୁ ଇସଲାମାବାଦ୍‌ର ନିର୍ମାଣ ଯୋଜନା ସମ୍ପୂର୍ଣ୍ଣ ହେବା ପରେ କେତେକାଂଶରେ ଉପଲବ୍ଧ ହୋଇଅଛି । ସେହିପରି ଯମାତ୍‌ର ଖିଦ୍‌ମତ କରୁଥିବା ଲୋକମାନଙ୍କର ଏଠାରେ ରହିବାପାଇଁ ମଧ୍ୟ ଏଠାରେ ସୁବିଧା କରାଯାଇଛି । ସେହିପରି ଖଲିଫାଙ୍କ ନିବାସ ସ୍ଥଳି ମଧ୍ୟ ଏଠାରେ ନିର୍ମାଣ କରାଯାଇଛି । ଖଲିଫାଙ୍କ ଆବାସସ୍ଥଳୀ ସହିତ ଏହା ମଧ୍ୟ ଜରୁରୀ ଥିଲା ଯେ ଏଠାରେ ମସଜିଦ୍ ନିର୍ମାଣ ହେଉ ଯଦ୍ୱାରା ଖଲିଫାଙ୍କ ନେତୃତ୍ୱରେ ଲୋକମାନେ ନାମଜ ପାଠ ଆରାମରେ କରିପାରିବେ ଓ ଅନ୍ୟାନ୍ୟ ଦରସ୍ ଏବଂ ତଦରିସ୍‌ର କାର୍ଯ୍ୟକୁ ଖଲିଫା ସୁବିଧାରେ ସମ୍ପାଦନ କରିପାରିବେ । ଯେପରି ଆଜି ଆମ ବିଧିବଦ୍ଧ ଏବଂ ଔପଚାରିକ ରୂପେ ଏହି ଜୁମା ଅର୍ଥାତ୍ ଶୁକ୍ରବାର ଦିବସରେ ମସଜିଦର ଶୁଭୋଦଘାଟନ କରୁଅଛୁ । କିନ୍ତୁ ବ୍ୟାବହାରିକ ରୂପେ ମୋର ଏହି ସ୍ଥାନକୁ ସ୍ଥାନାନ୍ତରଣ ହେବା ମାତ୍ରେ ନମାଜ ଏବଂ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକର ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଯାଇଥିଲା । ବାହାରୁ ଖୁଦାମ୍, ଅତଫାଲ୍ ଏବଂ ଲଜ୍‌ନାର ପ୍ରତିନିଧି ମଣ୍ଡଳ ବହୁ ସଂଖ୍ୟାରେ ଆସି ଯୋଗ ଦେଉଛନ୍ତି ତେଣୁ ଏହି ମସଜିଦ୍‌ରେ ସେମାନଙ୍କ ସହିତ ବୈଠକ ମଧ୍ୟ ହୋଇଥାଏ ତତ୍‌ସହିତ ଅନ୍ୟ ଛୋଟ ହଲ୍ ଭିତରେ ପ୍ରୋଗ୍ରାମ ହେଉଥିବା ବେଳେ ନମାଜ ପଢ଼ିବା ପାଇଁ ସେମାନଙ୍କୁ ମସଜିଦ ଭିତରେ ସୁବିଧା ମିଳିଯାଇଛି । ଏହି ମସଜିଦ୍‌ଟି ମସଜିଦ ଫଜଲରୁ ପାଖାପାଖି ଚାରିଗୁଣା ବଡ଼ କିନ୍ତୁ ଯେଉଁ ସବୁ ପ୍ରତିନିଧି ଦଳ ଏଠାକୁ ଆସୁଛନ୍ତି ସେଥିରୁ ଜଣାପଡୁଛି ଯେ ଏହି ମସଜିଦ୍ ମଧ୍ୟ ଛୋଟ ହୋଇଯାଉଛି କିନ୍ତୁ ତାହା ସହିତ ସଲଗ୍ନ କିବ୍‌ଲା ମୁହା ଗୋଟିଏ ବହୁମୁଖୀ ହଲ୍ ନିର୍ମାଣ କରାଯାଇଛି ସେଥିରେ ବହୁତ ସ୍ଥାନ ଅଛି ଯେଉଁଥିରେ ବଳକା ଲୋକେ ନମାଜ ପଢୁଛନ୍ତି । ସେ ଯାହା ହେଉ ଏ କଥା କହିବାର ଉଦ୍ଦେଶ୍ୟ ହେଉଛି ଅଲ୍ଲାଃ ତାଲାଙ୍କ କୃପାବଳରୁ ଯମାତ ଅହମଦିୟା ୟୁକେ ଏବଂ ପୃଥିବୀର ବିଭିନ୍ନ ଦେଶଗୁଡ଼ିକରେ ମଧ୍ୟ ମସଜିଦ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଅଲ୍ଲାଃ ତାଲାଙ୍କ କୃପାରୁ ବିଗତ ଦଶ ପନ୍ଦର ବର୍ଷ ମଧ୍ୟରେ ମସଜିଦଗୁଡ଼ିକର ନିର୍ମାଣ ସଂକ୍ରାନ୍ତରେ ଜମାଅତର ବିଶେଷରୂପେ ଧ୍ୟାନ ଆକର୍ଷଣ ହୋଇଛି । ଏହି ମସଜିଦ ଯାହାର ନାମ ମୁଁ **"ମସ୍‌ଜିଦେ ମୁବାରକ"** ସ୍ଥିର କରିଛି ଏହାର ସୂତ୍ରପାତ ଏପରି କି ଯେ, ଉପସ୍ଥିତ ଖଲିଫାଙ୍କର ଏହିଠାରେ ହିଁ ନିବାସ ରହିଛି । କେତେକ ସେବାରତ କର୍ମୀମାନେ ପାଖାପାଖି ୨୯ ରୁ ୩୦ ଲୋକଙ୍କ ରହିବା ପାଇଁ ଏଠାରେ ଆବଶ୍ୟକିୟ ଘର ମଧ୍ୟ ନିର୍ମାଣ

ହୋଇଛି । ସେହି ଲୋକମାନେ ଏଠାରେ କାର୍ଯ୍ୟ ସଂପାଦନ କରିବା ସଙ୍ଗେସଙ୍ଗେ ବସବାସ କରୁଛନ୍ତି ଏବଂ ସମସ୍ତ ଆବଶ୍ୟକୀୟ କାର୍ଯ୍ୟାଳୟମାନ ଯାହାର ମୁଁ ଦୈନନ୍ଦିନ ରୂପେ ସମ୍ମୁଖୀନ ହେଉଛି ସେଗୁଡ଼ିକ ମଧ୍ୟ ଏହିଠାରେ ଅବସ୍ଥିତ । ଅର୍ଥାତ୍ ଏହି ଦୃଷ୍ଟିକୋଣରୁ ଉକ୍ତ ସ୍ଥାନଟି ଏବଂ ଉକ୍ତ ମସଜିଦ୍ କେନ୍ଦ୍ରୀୟ ମସଜିଦ୍ ରୂପେ ପରିଗୃହୀତ ବା ମହତ୍ୱାଧିକାରୀ ରୂପେ ବିବେଚିତ ହୋଇପାରିଛି । ଅଲ୍ଲାଃ ତାଲା କରନ୍ତୁ କି ଉକ୍ତ ମସଜିଦଟି ଉପରୋକ୍ତ ଦୃଷ୍ଟିକୋଣାନୁଯାୟୀ ମସଜିଦେ (କାଦିୟାନ) ସହିତ ସମତୁଲ୍ୟ ହେଉ ଏବଂ ଅଲ୍ଲାଃ ତାଲାଙ୍କର କୃପାଲାଭକୁ ଆକର୍ଷିତ ସମର୍ଥ ହୋଇ ମଙ୍ଗଳମୟ ସାବ୍ୟସ୍ତ ହେଉ । ଆମିନ୍ ।

ଯେତେବେଳେ ଉକ୍ତ ମସଜିଦର ନାମ ଧାର୍ଯ୍ୟ ସଂପର୍କରେ ଆଲୋଚନା ଚାଲିଥିଲା ସେତେବେଳେ ହଠାତ୍ ମୋ ସାମ୍ନାକୁ ହଜରତ ମସିହ ମଉଦ ଆ:ସଙ୍କର ଏକ ଇଲହାମ୍ ବା ଦୈବ୍ୟବାଣୀ ମନେପଡ଼ିଗଲା ଯଦ୍ୱାରା ଏହି ମସଜିଦର ଏହିପରି ନାମକରଣ ହୋଇଛି । ସେହି ଦୈବ୍ୟବାଣୀ ଏହିପରି ଅଟେ ଯେ, **"ମୁବାରିକୁନ୍ ୱ ମୁବାରକୁନ୍ ୱ କୁଲ୍ଲୁ ଅମ୍‌ରିନ୍ ମୁବାରକିନ୍ ୟୁଜ୍‌ଅଲୁ ଫିହି'** ।

"ହଜରତ ମସିହ ମଉଦ ଆ:ସଙ୍କ ପ୍ରଦତ ଉକ୍ତ ପବିତ୍ର ଦୈବ୍ୟବାଣୀର ଅନୁବାଦ ହେଲା ଯେ, ଉକ୍ତ ମସଜିଦଟି ମଙ୍ଗଳପ୍ରଦାନକାରୀ ଏବଂ ପ୍ରତ୍ୟେକ ମଙ୍ଗଳମୟ କାର୍ଯ୍ୟ ଏହି ମସଜିଦରେ ସଂପାଦିତ ବା ସମାହିତ ହେବ ।" *(ତଜ୍‌କରାଃ ପୃଷ୍ଠା- ୮୩, ଏଡ଼ିଶନ୍-୪)*

ଅଲ୍ଲାଃ ତାଲା କରନ୍ତୁ କି ଯେଉଁ ଦୁଆ ହଜରତ ମସିହ ମଉଦ ଆ:ସ କାଦିୟାନର ମସଜିଦ୍ ମୁବାରକରେ କରିଥିଲେ ଏବଂ ଆପଣଙ୍କର ଇସଲାମର ପ୍ରଚାର ପ୍ରସାର ଏବଂ ବିଜୟ ପ୍ରାପ୍ତ କରିବା ଦିଗରେ ଯେଉଁ ଅଭିଳାଷା ତଥା ତୀବ୍ର ଉତ୍କଣ୍ଠା ରହିଥିଲା ତାହା ଉକ୍ତ ମସଜିଦକୁ ମଧ୍ୟ ପ୍ରାପ୍ତ ହେଉ । ଏବଂ ଇଂଲିସ୍ତାନ, ୟୁରୋପ ଏବଂ ପୃଥିବୀର ସମସ୍ତ ଦେଶ ଗୁଡ଼ିକରେ ଏଠାରୁ ଏକଶ୍ୱରବାଦକୁ ପ୍ରଚାର ଓ ପ୍ରସାର କରିବା ଏବଂ ଇସଲମାର ବାର୍ତ୍ତାକୁ ପହଚାଂଇବା ପାଇଁ ଏହି ମସଜିଦ୍ ଓ ଏହି ମରକଜ୍ ସଦାସର୍ବଦା କାର୍ଯ୍ୟ କରୁଛି । ଉକ୍ତ କେନ୍ଦ୍ରୀୟ ସ୍ଥଳକୁ ନବାଗମନ ରୂପେ ପ୍ରବେଶ କରିବା ପ୍ରତ୍ୟେକ ଦୃଷ୍ଟିକୋଣରୁ ମଙ୍ଗଳମୟ ସାବ୍ୟସ୍ତ ହେଉ ଏବଂ ଖିଲାଫତେ ଅହମଦିୟା ତରଫରୁ ପ୍ରକାଶିତ ହେବାକୁ ଥିବା ସମସ୍ତ ଯୋଜନାଗୁଡ଼ିକ ଅଲ୍ଲାଃ ତାଲା କୃପା ଓ କରୁଣା ଏବଂ ମଙ୍ଗଳକୁ ଶ୍ଳେଷଣ କରିବାକୁ ସର୍ବଦା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ହଜରତ ମସିହ ମଉଦ ଆ:ସଙ୍କ ସହ ସଂଶ୍ଳିଷ୍ଟ ଯେଉଁ ବରକତଗୁଡ଼ିକ ଥିଲା ସେସବୁ ଉକ୍ତ ମସଜିଦକୁ ପ୍ରାପ୍ତ ହେଉ । ମୋତେ କାଲି ଯେ ଜଣା ନଥିଲା ଓ କାଲି ହିଁ ମୋ ସମ୍ମୁଖକୁ ଏକଥା ଆସିଲା ଯେ, ଯେତେବେଳେ ରବ୍‌ୱାରେ ଲୋକମାନେ ବସବାସ ଆରମ୍ଭ କଲେ ସେତେବେଳେ ମଧ୍ୟ ହଜରତ ମୁସଲେହ ମଉଦ ର:ଅ ମସଜିଦ ମୁବାରକର ନିର୍ମାଣ ହେବା ସମୟରେ ଏକଥା କହିଥିଲେ ଯେ, ଏହି ମସଜିଦ୍‌ଟି ମସଜିଦ ମୁବାରକ କାଦିୟାନର କାୟମ ମୁକାମ୍ (ଅର୍ଥାତ୍ ଅନୁରୁପ) ଏବଂ ତା'ର ପ୍ରତିଛବି ଓ ଦୃଷ୍ଟାନ୍ତ ହେବ । *(ଖୁତ୍‌ବାତେ ମେହମୁଦ ଖଣ୍ଡ-୩୦, ପୃ-୩୧୬ ଖୁତ୍‌ବା ଜୁମା ପ୍ରଦତ ୩୦ ସେପ୍ଟେମ୍ବର ୧୯୪୯)*

ଅର୍ଥାତ୍ ରବ୍‌ୱାରେ ଯେଉଁ ମସଜିଦ ମୁବାରକ ଥିଲା ତାହା ଏହାର ପ୍ରତିରୂପ ହେବ । ସେ ଯାହା ହେଉ ସେଠାରେ ବହୁଦିନ ପର୍ଯ୍ୟନ୍ତ ଖିଲାଫତ ରହିଲା ଏବଂ ଏବେ ମଧ୍ୟ ସେଠାରେ କେନ୍ଦ୍ରୀୟ କାର୍ଯ୍ୟାଳୟ ଅଛି କିନ୍ତୁ ବିଗତ ୩୫ ବର୍ଷ ହେବ ସେଠାରୁ ହିଜରତ୍ (ଦେଶାନ୍ତରଣ) ଯୋଗୁଁ ଏଠାରେ ମଧ୍ୟ ଏବେ ନୂଆ କାର୍ଯ୍ୟାଳୟ ନୂଆ ନୂଆ ଉପକରଣ ନୂଆ ଅଟଳିକା ଏବଂ ନୂତନ ମସଜିଦର ଆବଶ୍ୟକତା ଥିଲା ଦେଶର କାନୁନ ଯୋଗୁଁ ଖିଲାଫତେ ଅହେମଦିୟାକୁ ରବ୍‌ୱାରୁ ହିଜରତ କରିବାକୁ ପଡ଼ିଲା ଓ ପୁଣି ଅଲ୍ଲାଃ ତାଲା ଏଠିକାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏଠାରେ ପୂର୍ବାପେକ୍ଷା ଅଧିକ ଉନ୍ନତିର ଦ୍ୱାର ମଧ୍ୟ ଖୋଲିଦେଲେ । ଅଲ୍ଲାଃ ତାଲା ସେହି ବିସ୍ତୃତ ବରକତକୁ ମଧ୍ୟ ଆହୁରି ଅଭିବୃଦ୍ଧି କରି ଚାଲନ୍ତୁ । ଶତ୍ରୁମାନେ ନିଜର କୁଧାରଣାରେ ଯେଉଁ କୃପା ଏବଂ ବରକତଗୁଡ଼ିକ ଆମମାନଙ୍କ ଠାରୁ ଛଡ଼ାଇ ନେବା ପାଇଁ ଉଦ୍ୟମ କରିଥିଲେ ସେହି ବରକତଗୁଡ଼ିକ ଅଲ୍ଲାଃ ତାଲା ଆମମାନଙ୍କୁ (ପୁନର୍ବାର) ପ୍ରଦାନ କରିଛନ୍ତି ଏବଂ ଉକ୍ତ ମସଜିଦ୍ ଏବଂ ଉକ୍ତ କେନ୍ଦ୍ରରୁ ସେହିସବୁ ଉନ୍ନତି ତଥା ବିକାଶ ପୂର୍ବାପେକ୍ଷା ଏବଂ ଆହୁରି ଅଧିକ ଦୃଶ୍ୟାବଲୋକନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରି ଚାଲନ୍ତୁ ।

ସେମାନେ ମନେ ମନେ ଗୋଟିଏ ଯମାତର ଜୀବନ ଓ ନିଜ ଭାଗ୍ୟର ମାଲିକ ବିବେଚନା କରୁଛନ୍ତି ସେମାନଙ୍କ ବୁଦ୍ଧିର ଅବସ୍ଥା ଏପରି କି, ଅର୍ଥାତ୍ ସେମାନେ ଏତେ ମୂର୍ଖତାପୂର୍ଣ୍ଣ ଅବସ୍ଥାରେ ଅଛନ୍ତି ଯେ କେହି ମୋତେ ଜଣେ ସୋଶିଆଲ୍ ମିଡ଼ିଆରେ ଗୋଟିଏ ଦୃଶ୍ୟ ଦେଖାଇଛନ୍ତି ଯେ, ପିପୁଲ୍ସ ପାର୍ଟିର ଜଣେ ରାଜନୈତିଜ୍ଞ ଏହି ଚର୍ଚ୍ଚା କରୁଥିଲେ ଯେ ଓ ସେଥିରେ ନିଜର ଟିପ୍ପଣୀ ଦେଉଥିଲେ ଯେ, ଆମେ ଯମାତ ଅହେମଦିୟା ଉପରେ ପ୍ରତିବନ୍ଧକ ଲଗାଇଥିଲୁ ଓ ସେମାନଙ୍କୁ ପାକିସ୍ତାନରେ ଉନ୍ନତି କରିବାକୁ ଦେଲୁନାହିଁ କିନ୍ତୁ ଦେଖ ଏ ଯେଉଁ ନୂଆ ସରକାର ଆସିଛି ସେ ଅହେମଦି ଓ କାଦିୟାନି ମାନଙ୍କୁ ଇସଲାମାବାଦରେ ମରକଜ୍ (ଧର୍ମର କେନ୍ଦ୍ରସ୍ଥଳ) ବନାଇବା ପାଇଁ ଅନୁମତି ଦେଇଦେଇଛି । (ହଜୁର ଅନୱ୍ୱର ଅ:ବ:ଅ କହୁଛନ୍ତି) ଏହା ହେଉଛି ସେ ଲୋକମାନଙ୍କର ବୁଦ୍ଧିର ଅବସ୍ଥା । କିଛି ଦିନ ପୂର୍ବେ ମଧ୍ୟ ତାଙ୍କର ଜଣେ ଜଣେ ରାଜନୈତିଜ୍ଞ ଆମ ସମ୍ବନ୍ଧରେ ଏହିପରି ମୂର୍ଖତା ପୂର୍ଣ୍ଣ ବୟାନ ଦେଇଥିଲେ ପୁଣି ପରେ ଏ କଥା କହିଲେ ଯେ, ଓହଃ... ଭୁଲ୍ ହୋଇଗଲା । ମୁଁ ଠିକ୍ ରୂପେ ବୁଝି ପାରିନଥିଲି । ସେ ଯାହା ହେଉ ଏହା ତ ସେହି ସାଂସାରିକ ଲୋକମାନଙ୍କର ମନୋଭାବ ସେମାନେ କଣ ଜାଣିଛନ୍ତି ଯେ ଯମାତ ଅହେମଦିୟାର ଉନ୍ନତି ଅଲ୍ଲାଃ ତାଲାଙ୍କ କୃପା ଓ ଦୟା ଦ୍ୱାରା ହିଁ ହୋଇଥାଏ ବୋଲି ଓ ଏପରି ଉନ୍ନତି କୁ କୌଣସି ସରକାର ରୋକି ପାରିବ ନାହିଁ ଏବଂ ନା କୌଣସି ସରକାରର ସାହାଯ୍ୟର ଯମାତ ଅହେମଦିୟା ଆବଶ୍ୟକ କରିଥାଏ ।

ଜମାଅତ୍ ଅହମଦିୟାର ଉନ୍ନତି ଅଲ୍ଲାଃ ତାଲାଙ୍କ କୃପାରୁ ହେଉଅଛି । ଯେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃ ତାଲାଙ୍କ ପ୍ରଦତ ଆଦେଶାବଳୀ ଅନୁଯାୟୀ ଚାଲିବା ପାଇଁ ଏବଂ ଅଲ୍ଲାଃ ତାଲାଙ୍କ କୃପାଲାଭ ବା କରୁଣା ଲାଭ ପାଇଁ ଉଦ୍ୟମ କରୁଥିବା ସେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃ ତାଲାଙ୍କର କୃପା ଓ କରୁଣା ଲାଭ କରିବାରେ ସକ୍ଷମ ହୋଇ ଉକ୍ତ ଉନ୍ନତିର ଏକ ଅଂଶ ବିଶେଷ ହୋଇପାରିବା । ସୁତରାଂ ଆମମାନଙ୍କୁ ସର୍ବଦା ନିଜର ଆତ୍ମସମୀକ୍ଷା କରିବା ଉଚିତ ।

ଅଲ୍ଲାଃ ତାଲା ଯେଉଁ ଅହମଦିମାନଙ୍କୁ ଏହି ନୂତନ ବସ୍ତିରେ ରହିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ଯେଉଁ ଲୋକମାନେ ଏହି ନୂତନ ଜନବସତିର ଆଖପାଖରେ ବସତି ସ୍ଥାପନ କରୁଛନ୍ତି ବା କରିବାକୁ ଯାଉଛନ୍ତି । ସେମାନଙ୍କୁ ଏହି ପ୍ରଚେଷ୍ଟା କରିବା ଦରକାର ଯେ, ସେମାନଙ୍କୁ ନିଜର ଅବସ୍ଥାକୁ ଏଭଳି ଭାବରେ ଗଢ଼ିତୋଳିବା ଯେ , ଉକ୍ତ ଅଚଂଳରେ ଅହମଦିୟତ ଏବଂ ଇସଲାମର ବାସ୍ତବିକ ଚିତ୍ରପଟ ଲୋକମାନଙ୍କୁ ଦୃଶ୍ୟମାନ ହେଉ । ଅବଶ୍ୟ ଇସଲାମାବାଦରେ ବହୁତ ଦିନ ହେବ ଆମ ୱାକିଫିନେ ଜିନ୍ଦେଗି ଏବଂ କାରକୁନାନ୍ (ସ୍ୱେଚ୍ଛାସେବୀ କର୍ମୀ)ମାନେ ସେଠାରେ ରହୁଛନ୍ତି ଓ ସେହି ଦୃଷ୍ଟିକୋଣରୁ ଏଠାରେ ରହୁଥିବା ଲୋକମାନେ ଅହେମଦିଙ୍କ ସହିତ ପରିଚିତ ଅଛନ୍ତି । ଅବଶ୍ୟ ଜଲ୍‌ସା ଯୋଗୁଁ ମଧ୍ୟ ଏ ଇଲାକାରେ ଅହେମଦିୟତର ପରିଚୟ ହୋଇ ସାରିଛି । ୨୦୦୪ ମସିହା ପର୍ଯ୍ୟନ୍ତ ବହୁତ ଲମ୍ବା ସମୟ ଏଠାରେ ଜଲ୍‌ସା ହେଉଥିଲା ଏବେ ପୁଣି ଆଲଟନ୍ ଠାରେ ହେଉଅଛି । ସେ ସ୍ଥାନଟି ମଧ୍ୟ ଅତି ନିକଟରେ ଅବସ୍ଥିତ କିନ୍ତୁ ଏବେ ନୂଆ ରୂପ ଏଠିକାର ଲୋକମାନଙ୍କୁ ମିଳିଛି କାରଣ ଅଚାନକ ଅହେମଦିମାନେ ଏଠାରେ ଆସି ଘର କରିବା ଆରମ୍ଭ କରିଦେଇଛନ୍ତି । ବର୍ତ୍ତମାନ ଏଠାରେ ବସବାସ କରୁଥିବା ଲୋକମାନଙ୍କୁ ଏକ ନୂତନ ପରିଚୟ ମିଳିଛି । ତେଣୁ ଏଠାକାର ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଆମମାନଙ୍କୁ ଅନ୍ୟ ଦୃଷ୍ଟିରେ ଦେଖିବେ । ଏଠିକାର ଲୋକମାନଙ୍କ ଏ କଥା ଅନୁଭବ ହୋଇସାରିଛି ଓ ସେମାନେ ଚର୍ଚ୍ଚା ମଧ୍ୟ କରିବାକୁ ଲାଗିଲେଣି ଯେ ତୁମ ଖଲିଫା ବା ଯମାତ୍‌ର ମୁଖିଆ ଏଠାକୁ ଆସିବା ଯୋଗୁଁ ଅଚାନକ ତୁମ ମାନଙ୍କର ଏଥିପ୍ରତି ଧ୍ୟାନ ଆକର୍ଷଣ ହୋଇଛି । ସୁତରାଂ ଏହି କାରଣରୁ ନିଜର ଚାରିତ୍ରିକ ନମୁନା ବା ଆଦର୍ଶକୁ ପୂର୍ବାପେକ୍ଷା ଅଧକ ସୁସଜ୍ଜିତ ଏବଂ ମାର୍ଜିତ କରି ଗଢ଼ିତୋଳିବାର ମଧ୍ୟ ଆବଶ୍ୟକତା ରହିଛି । ସେହି ପଡ଼ୋଶିମାନଙ୍କ ଭିତରେ ନିଜର ଉତମ ନମୁନା ଦ୍ୱାରା ପ୍ରଭାବ ପକାଇବାକୁ ହେବ । ଯଦି ଆମର କୋଳା ହଳ ଯୋଗୁଁ ଟ୍ରାଫିକର ଅନିୟମିତତା ଯୋଗୁଁ ବା ଅନ୍ୟ କୌଣସି କାରଣରୁ ଆମ ପଡ଼ୋଶୀମାନେ Disturb ହେବେ ତେବେ ଆମେ ଏଠାରେ ରହୁଥିବା ଲୋକମାନଙ୍କୁ ଗୋଟିଏ ଭୁଲ୍ ବାର୍ତ୍ତା ଦେଉଛେ । ଯଦି ନିଜ କାର୍ଯ୍ୟ ନମୁନାରେ ଇସଲାମର ସଠିକ୍ ବାର୍ତ୍ତା ଦେଉନାହେଁ ତେବେ ଅଲ୍ଲାଃ ତାଲାଙ୍କ ପୁରସ୍କାର ଉପରେ ଆମର କୃତଜ୍ଞତା କେବଳ ମୁହଁର କଥାରେ ହିଁ ରହିଯିବ । ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଏହି କଥାକୁ ଚାହିଁଥାଏ ଯେ ଆମର କଥା, ଆମର କାର୍ଯ୍ୟ, ଆମର ଶିକ୍ଷା ଏବଂ ଆମର କାର୍ଯ୍ୟ ନମୁନାରେ ସମ୍ମାନତା ରହୁଥିବ ଏପରି ନ ହେଉ କି ଆମେ କହୁଥିବା ଗୋଟିଏ କଥା ଓ କରୁଥିବା ଆଉଗୋଟିଏ କଥା ।

ହଜୁର ଅନୱ୍ୱର ଅ:ବ:ଅ କହିଲେ ଯେ, ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ଆମକୁ ମସଜିଦ୍ ପ୍ରସଙ୍ଗରେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଉପରେ ବର୍ଣ୍ଣିତ ଯେଉଁ ଆୟତକୁ ମୁଁ ଆବୃତି କରିଛି ସେଥିରେ ମଧ୍ୟ ଆମକୁ ବହୁତ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । ସେହି କଥାଗୁଡ଼ିକ ପ୍ରତି ଯଦି ଆମେ ଧ୍ୟାନ ଦେବା ତେବେ ଯେଉଁଠି ଆମେ ଅଲ୍ଲାଃ ତାଲାଙ୍କ ଉପାସନାର ହକ୍‌କୁ ପ୍ରଦାନ କରୁଥିବା ସେଠାରେ ତା ପ୍ରାଣୀ ଜଗତର ହକ୍‌କୁ ମଧ୍ୟ ପ୍ରଦାନ କରୁଥିବା । ତହିଁରେ ବିଶ୍ୱାସକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି ତୁମେ ଅଲ୍ଲାଃ ତାଲାଙ୍କର କରୁଣା ଲାଭ କରିବାକୁ ଇଚ୍ଛୁକ ତେବେ ନିଜର ଧର୍ମୀୟ ନିଷ୍ଠାକୁ କେବଳ ଅଲ୍ଲାଃ ତାଲାଙ୍କ ସକାଶେ ବା ଉଦ୍ଦେଶ୍ୟରେ ହିଁ ପରିପୂରଣ କରି ତାଙ୍କ ପ୍ରତୀ ବ୍ରତୀ ହୁଅ । ଯଦି ତୁମେ ଏପରି ନ କରିବ ତେବେ ତୁମର ଉନ୍ନତି ଘଟିବ ନାହିଁ । ବରଂ ତୁମେ ପ୍ରଥଭ୍ରଷ୍ଟତାର ଗର୍ତରେ ପଡ଼ିବ । ମସଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ଅଛି ତାହାକୁ ପୂରଣ କରିବାକୁ ହେବ ତେବେ ଯାଇ ଅଲ୍ଲାଃ ତାଲାଙ୍କ ପୁରସ୍କାର ମିଳିବ । ଅଲ୍ଲାଃ ତାଲାଙ୍କ ପାଇଁ ନିଜର ଇବାଦତ୍‌କୁ ନିଷ୍ଠାର ସହିତ କରିବାକୁ ହେବ ତେବେ ଯାଇ ଅଲ୍ଲାଃ ତାଲାଙ୍କ ପୂରସ୍କାରର ଉତରାଧିକାରୀ ହେବ । ସାଂସାରିକ ମନଭାବ ଓ ସଂସାରପ୍ରତିରୁ ନିଜ ମନକୁ ପବିତ୍ର ରଖିବାକୁ ହେବ ତେବେ ଯାଇ ଅଲ୍ଲାଃ ତାଲାଙ୍କ କୃପା ତୁମ ଉପରେ ଅବତୀର୍ଣ୍ଣ ହେବ ପ୍ରତ୍ୟେକ ଦିନ ଯେବେ ୫ଥର ଏହା କରିବା ପାଇଁ ଚେଷ୍ଟା କରାଯିବ ସେତେବେଳେ ପୁଣି ଆମେ ଅଲ୍ଲାଃ ତାଲାଙ୍କ ନିମନ୍ତେ ସ୍ୱତନ୍ତ୍ର ରୂପେ ଦୀନ୍‌କୁ ନିଷ୍ଠାର ସହିତ କରୁଛେ ବୋଲି ଜାଣିବା ।

ସୁତରାଂ ଅଲ୍ଲାଃ ତାଲା ଆମକୁ କହୁଛନ୍ତି ଯେ ନିଜ ଆତ୍ମାକୁ ନିର୍ମଳ କରିବା ପାଇଁ ମଧ୍ୟ ବ୍ୟବସ୍ଥା କର ଏବଂ ଏହି ନିର୍ମଳତା କେବଳ ଅଲ୍ଲାଃ ତାଲାଙ୍କ ଦୀନ୍‌ଙ୍କୁ ନିଷ୍ଠାର ସହିତ ପାଳିବା ଦ୍ୱାରା ହିଁ ହୋଇଥାଏ । ଯେଉଁ ଲୋକମାନେ ନିଜକୁ ସୁଧାରିବା ପାଇଁ ଓ ନିଜକୁ ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ଚେଷ୍ଟା କରୁନାହାନ୍ତି ଓ ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କ ଦୀନ୍‌କୁ ନିଷ୍ଠାର ସହିତ ପାଳନ କରୁନାହାନ୍ତି ସେମାନେ ପଥ ଭ୍ରଷ୍ଟତାର ଗାଡ଼ ଭିତରେ ଯାଇ ପଡ଼ିଛନ୍ତି । ଏମାନେ ହେଉଛନ୍ତି ଏପରି ଲୋକେ ଯେଉଁ ମାନେ ଅଲ୍ଲାଃ ତାଲାଙ୍କ ଶରଣ ନେବା ପରିବର୍ତେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahemadiya, Pankal (Odisha)*

ସଇତାନକୁ ନିଜର ବନ୍ଧୁ ବନାଇଛନ୍ତି ଓ ପୁଣି ସେମାନେ ଏ କଥା ଭାବୁଛନ୍ତି ଯେ, ସେମାନଙ୍କ କାର୍ଯ୍ୟ ନମୁନା ଖୁଦାତାଲାଙ୍କ ଇଚ୍ଛା ମୁତାବକ ଅଛି । ଅଲ୍ଲାଃ ତାଲାଙ୍କ ତରଫରୁ ପ୍ରେରତି ହୋଇଥିବା (ଦୂତ)ଙ୍କର ଅସ୍ୱୀକାର କରୁଥିବା ଲୋକମାନଙ୍କର ଏପରି ଅବସ୍ଥା ହୋଇଥାଏ । ତେଣୁ ମସଜିଦର ଯେଉଁ ସକଳ ତଥା ସର୍ବାଙ୍ଗୀନ ପବିତ୍ରମୟ ଉଦ୍ଦେଶ୍ୟ ରହିଛି ତାହାକୁ ଯଥୋଚିତ ରୂପେ ପୂରଣ କରିବାକୁ ପଡ଼ିବ । ତେବେ ଯାଇ ଆମେ ଅଲ୍ଲାଃ ତାଲାଙ୍କ ତରଫରୁ ପୁରସ୍କାର ପ୍ରାପ୍ତ କରିବାର ଅଧିକାରୀ ହୋଇ ପୁରସ୍କୃତ ହୋଇପାରିବା ।

ଆଜିକାଲି ଯେଉଁଠାରେ ଅହମଦିୟତର ଶତ୍ରୁମାନେ ନିଜର ଅନ୍ୟାୟ ଓ ଅତ୍ୟାଚାରରେ ତଥା ଅପଶବ୍ଦ ଏବଂ ଅପମାନଜନକ ଭାଷାର ପ୍ରୟୋଗ କରିବାରେ ସୀମା ଲଂଘନ କରିସାରିଛନ୍ତି, ଓ ସେମାନେ ମନେ ମନେ ଏ କଥା ଭାବୁଛନ୍ତି ଯେ ଆମଠାରୁ ଅଧିକା ଅର୍ଥାତ୍ ସେମାନଙ୍କଠାରୁ ଅଧିକା ପରିଚାଳିତ ହେଉଥିବା ଲୋକେ ଆଉ କେହି ନାହନ୍ତି । ନିଜ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ସେମାନେ କୌଣସି ଶୈଳୀ, ଚେଷ୍ଟା ବା ଯୋଜନାକୁ ହାତ ଛଡ଼ା କରୁନାହାନ୍ତି ସେଥିଯୋଗୁଁ ସରାକାର ମଧ୍ୟ ତାଙ୍କୁ ଭୟ କରୁଛନ୍ତି । ଆଜିକାଲି ପାକିସ୍ତାନର କରାଚୀରେ ମୁଖାଲିଫତ ବହୁ ଜୋରରେ ହେଉଅଛି ଏବଂ ସେମାନଙ୍କ ସରକାର ମଧ୍ୟ ଏକଥା କହୁଛି ଯେ ଆମେ ଆମ ମସଜିଦର ମିନାର ଗୁଡ଼ିକୁ ଭାଙ୍ଗିଦେଉ ତାଙ୍କୁ ଯେତେ କହିଲେ ମଧ୍ୟ କି ମସ୍‌ଜିଦର ଯେଉଁ ମିନାର ଗୁଡ଼ିକ ତିଆରି ହେଉଛି ଏହା ବହୁତ ପୁରୁଣା ଅର୍ଥାତ୍ ୫୦, ୬୦ ବର୍ଷର ପୁରୁଣା ମସଜିଦରେ ଏହା ରହିଛି କିନ୍ତୁ ସେମାନେ ବୁଝୁନାହାନ୍ତି କାରଣ ମୌଲବୀମାନଙ୍କର ଭୟ ବହୁତ ଘାରିଛି । ଯମାତ୍‌ର ଲୋକମାନଙ୍କ ଉପରେ ଜୁଲ୍‌ମ୍ ଓ ଅତ୍ୟାଚାର କରିବାରେ ସେହି ଲୋକମାନେ ବହୁତ ବଢ଼ି ଗଲେଣି । ହଜରତ ମସିହ ମଉଦ ଆ:ସଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିବାରେ ବହୁତ ବଢ଼ିଯାଇଛନ୍ତି । ଏହି ପରି ଲୋକମାନଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା କହୁଛନ୍ତି ସେମାନେ ପଥଭ୍ରଷ୍ଟ ହୋଇସାରିଛନ୍ତି । ଯେଉଁ ସବୁ କଥା କଥିତ ଓଲେମା ମାନେ ଅଛନ୍ତି ସେମାନେ ତାଙ୍କ ପଛରେ ଅଛନ୍ତି । ନିଶ୍ଚିତରୂପେ ସେହି ଲୋକମାନଙ୍କର ଗଣନା ଏପରି ଲୋକମାନଙ୍କ ମଧ୍ୟରେ ହୋଇଥାଏ ଯାହାଙ୍କ ସମ୍ବନ୍ଧରେ ଆଁ ହଜରତ ସ:ଆ:ସ କହିଥିଲେ ଯେ ଏହି ଶେଷ ଯୁଗରେ ମସଜିଦ ଗୁଡ଼ିକ ତ ବହୁତ ଚାକଚକ୍ୟ ନିର୍ମାଣ ହେବ, ଯାହା ଆଜିକାଲି ଆମକୁ ସେଠାରେ ଦୃଷ୍ଟି ଗୋଚର ହେଉଅଛି କିନ୍ତୁ ତାହା ମଧ୍ୟରେ ହିଦାୟତ ନଥିବ ଓ ସେଥିରୁ ହିଁ ଫିତ୍‌ନା (ବିଭ୍ରାଟ) ମୁଣ୍ଡ ଟେକିବ ଓ ସେଠାକୁ ହିଁ ପୁଣି ଫେରିଆସିବ ଫଳତଃ ସେହି ଲୋକମାନେ ଇସଲାମକୁ ବଦନାମ କରୁଥିବା ପ୍ରାଣୀ ହେବେ ଓ ସବୁଠାରୁ ଖରାପ ପ୍ରାଣୀ ଅଟନ୍ତି । *(ଶୋଅୱ୍‌ଲ୍ ଇମାମ୍ ଲିଲ୍‌ବେହେକି ଖଣ୍ଡ-୩, ପୃ-୩୧୭ ରୁ ୩୧୮ ହଦୀସ୍ ୧୭୬୩ ମୁଦ୍ରଣ ମକ୍‌ତବତୁରରୁଶ୍‌ଦ ନାଶେରୁନ୍ ବେରୁତ ୨୦୦୩)*

ସୁତରାଂ ଏହିପରି ଆମ ଉପରେ ଆହୁରି ମଧ୍ୟ ଅଧିକା ଦାୟିତ୍ୱ ପଡ଼ିଯାଉଛି ଆମେ ନିଜର ଉପାସନାକୁ ଆହୁରି ଅଧିକା ନିଷ୍ଠାର ସହିତ ପାଳନ କରିବା ଓ ଏହି ପୃଥିବୀ ବାସୀଙ୍କୁ ଇସଲାମର ବାସ୍ତବିକ ଶିକ୍ଷା ସହିତ ମଧ୍ୟ ପରିଚିତ କରାଇବା । ଆମ ପାଇଁ ଆମ ଚେଷ୍ଟାଠାରୁ ମଧ୍ୟ ଅଧିକା ଇସଲାମର ବାସ୍ତବିକ ଶିକ୍ଷାକୁ ପ୍ରଚାର ପ୍ରସାର କରିବା ପାଇଁ ଅଲ୍ଲାଃ ତାଲା ମାର୍ଗ ଉନ୍ମୁକ୍ତ କରୁଛନ୍ତି ଓ ଏହି ମରକଜ୍ ମଧ୍ୟ ସେଥିମଧ୍ୟରୁ ଗୋଟିଏ ।

ଏପରି ଉତ୍କଟ ପରିସ୍ଥିତିରେ ଆମ ଉପରେ ଆହୁରି ଅଧିକ ଦାୟୀତ୍ୱ ନ୍ୟସ୍ତ ହୋଇଯାଇଛି ଯେ, ଆମେମାନେ ନିଜର ଉପାସନାକୁ ଆହୁରି ଶୁଦ୍ଧପୁତ କରିବାର ଆବଶ୍ୟକତା ରହିଛି । ଆମର ନିଜସ୍ୱ ଚେଷ୍ଟା ରହିଛି ବା ଯମାତ୍‌ର ଯେଉଁ ଚେଷ୍ଟା ରହିଛି ଏହା ଦ୍ୱାରା କେବେ ମଧ୍ୟ ଏହି ମସଜିଦ୍ ନିର୍ମାଣ ହୋଇପାରିନଥାନ୍ତା ଏହା କେବଳ ଅଲ୍ଲାଃ ତାଲାଙ୍କ କୃପାଦ୍ୱାରା ହିଁ ସମ୍ଭବ ହୋଇପାରିଛି ଏହି ରମଜାନ୍ ଦିନ ଗୁଡ଼ିକରେ ଯେଉଁଠି ଆମକୁ ଆତ୍ମାର ଉନ୍ନତି ନିମନ୍ତେ ଅଲ୍ଲାଃ ତାଲା ସାଧନ ଯୋଗାଇ ଦେଇଛନ୍ତି ସେଠି ଦୀନ୍‌କୁ ପୂର୍ବଠାରୁ ଅଧିକା ଅଲ୍ଲାଃ ତାଲାଙ୍କ ନିମନ୍ତେ ନିଷ୍ଠାର ସହିତ ପ୍ରାପ୍ତ କରିବାକୁ ଚେଷ୍ଟା କରିବା ଉଚିତ । ଏଥିସହ ବିଶ୍ୱକୁ ଇସଲାମର ବାସ୍ତବିକ ଶିକ୍ଷା ସହିତ ପରିଚିତ ତଥା ଅବଗତ କରାଇବାର ମଧ୍ୟ ଆବଶ୍ୟକତା ରହିଛି ।

ହଜରତ ମସିହ ମଉଦ ଆ:ସ କୁହନ୍ତି: କୁରଆନ୍ ଶରୀଫରେ ଏହା ଉଲ୍ଲେଖିତ ରହିଛି ଯେ, "**ଉଦ୍‌ଉହୁ ମୁଖଲିସିନା ଲହୁଦ୍ ଦୀନା**" ଅର୍ଥାତ୍ ନିଷ୍ଠାର ସହିତ ଅଲ୍ଲାଃ ତାଲାଙ୍କୁ ସ୍ମରଣ କରିବା ଉଚିତ ଏବଂ ତାଙ୍କରି ଉପକାରର ବହୁଳଭାବରେ ଅଧ୍ୟୟନ କରିବା ଉଚିତ । ତେଣୁ ନିଷ୍ଠା ଦରକାର ଅନୁଗ୍ରହ ଦରକାର ଓ ତା' ପ୍ରତି ଏପରି ଆଗଭର ହୁଅ ଯେପରି ସେହିଁ ଏକ ପାଳନକର୍ତା ଓ ବାସ୍ତବିକ କାର୍ଯ୍ୟ ସମ୍ପାଦନକାରୀ ଅଟନ୍ତି" ପୁଣି କହୁଛନ୍ତି ଯେ:

ପ୍ରକୃତ ପକ୍ଷରେ ଉପାସନାର ନୀତିଗତ ସାରାଂଶ ଏହିକି ଯେ, ନିଜକୁ ଏପରିଭାବେ ସଳଖ କରିବା ଦରକାର ଯେପରିକି ଭକ୍ତ ଈଶ୍ୱରଙ୍କୁ ନିଜ ସମ୍ମୁଖରେ ଦେଖୁଅଛି କିମ୍ବା ଈଶ୍ୱର ଭକ୍ତଙ୍କୁ ଦେଖୁଛନ୍ତି । ଭକ୍ତ ପ୍ରତ୍ୟେକ ପ୍ରକାରରେ ମିଶ୍ରିତ ଶିର୍କ୍ (ଈଶ୍ୱରଙ୍କ ସହ ଅନ୍ୟକୁ ସମକକ୍ଷ କରିବା) ଠାରୁ ନିଜକୁ ନିବୃତ ରଖି ସେହି ଏକ ଈଶ୍ୱରଙ୍କର ମହିମା ଏବଂ ତାହାଙ୍କର ଈଶ୍ୱରତ୍ୱ ପ୍ରତି ସଚେତିତ ରହୁ । ପୁନଶ୍ଚ ମସିହ ମଉଦ ଆ:ସ କହିଲେ ଯେ, ଅଦ୍‌ଇୟା ମାସୁରା ଅର୍ଥାତ୍ ସେହି ପ୍ରାର୍ଥନା ଯେଉଁ ପ୍ରାର୍ଥନାଗୁଡ଼ିକ ଆଁ ହଜରତ ସ:ଆ:ସଙ୍କ ଠାରୁ ଉଦ୍ଧୃତ ଅଟେ ତାକୁ ଏବଂ ଅନ୍ୟ ପ୍ରାର୍ଥନା ଗୁଡ଼ିକୁ ଈଶ୍ୱରଙ୍କ ଠାରୁ ବହୁଳ ରୂପେ ଭିକ୍ଷା କରିବା ଉଚିତ । ମନୁଷ୍ୟ ବା ଭକ୍ତ ଈଶ୍ୱରଙ୍କ ଠାରୁ ସର୍ବଦା କ୍ଷମାଭିକ୍ଷା ବା କ୍ଷମାଯାଚନା କରିବା ଉଚିତ ଏବଂ ବାରମ୍ବାର ନିଜର ଦୋଷ ଦୁର୍ବଳତାକୁ ଈଶ୍ୱରଙ୍କ ଆଗରେ ପରିପ୍ରକାଶ କରିବା ଉଚିତ । କାରଣ ଏହା ଦ୍ୱାରା ଆତ୍ମାର ଶୁଦ୍ଧି ହେବା ସଙ୍ଗେସଙ୍ଗେ ଈଶ୍ୱରଙ୍କ ସହିତ ନିଷ୍ଠାମୂଳକ ସଂପର୍କ ସ୍ଥାପନ ହୋଇଥାଏ । ଭକ୍ତ ସେହି ଈଶ୍ୱରଙ୍କ ପ୍ରେମରେ ନିଜକୁ ହଜାଇ ଦେଉ ।" *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୪୫୧)*

ସୁତରାଂ ଯେତେବେଳେ ଅଲ୍ଲାଃ ତାଲାଙ୍କ ପାଇଁ ହିଁ ଦୀନ୍ ନିଷ୍ଠାର ସହିତ କରାଯିବ, ଉପାସନା ନିଷ୍ଠାର ସହିତ ହେବ ସେତେବେଳେ ଏ ମନ ମଧ୍ୟ ପବିତ୍ର ହେବ । ନିଜ ମନକୁ ପବିତ୍ର କରିବାର ଅବସର ମଧ୍ୟ ମିଳିବ । ଅଲ୍ଲାଃ ତାଲାଙ୍କ ଉପାସନାର ହକ୍ ମଧ୍ୟ ପ୍ରଦାନ କରାଯିବ ଏବଂ ଭକ୍ତଙ୍କ ଅଧିକାରକୁ ପ୍ରଦନା କରିବାପାଇଁ ମଧ୍ୟ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରାଯିବ । କେହି ଜଣେ ସୋଶିଆଲ ମିଡ଼ିଆରେ ଗୋଟିଏ ଭିଡ଼ିଓ ଦେଖାଇଲେ ଯେ, ଇଫ୍‌ତାର କରିବା ସମୟରେ ବହୁତ ସୁସଜ୍ଜିତ ଓ ଯୋଜନାବଦ୍ଧ ରୂପେ ମୁସଲମାନମାନେ ଗୋଟିଏ ସ୍ଥାନରେ ଇଫତାର କରିବା ପାଇଁ ଏକାଠି ହୋଇଥିଲେ ଓ କୌଣସି କଥାରେ ବୋଧ ହୁଏ ଖାଇବା ସମ୍ବନ୍ଧରେ ପ୍ରଥମ ଗାଳିଗୁଲଜ ଆରମ୍ଭ ହୋଇଗଲା ପୁଣି ହାତାହାତି ହେଲା ଓ ପୁଣି ଲଢ଼ାଇ ଝଗଡ଼ା ଆରମ୍ଭ ହୋଇଗଲା ଆପୋଷରେ ମୁଷ୍ଟିଯୁଦ୍ଧ ଆରମ୍ଭ ହୋଇଗଲା ଜଣେ ଅନ୍ୟ ଜଣକୁ ମାରାମାରି ଆରମ୍ଭ କରିଦେଲେ ଫଳତଃ ଖାଦ୍ୟଗୁଡ଼ିକ ଏଣେତେଣେ ବିଛାଡ଼ି ହୋଇଗଲା । କିଏ ଏପଟକୁ ପଡ଼ିଗଲାଣି ତ କିଏ ସେପଟକୁ ପଡ଼ିଗଲାଣି ନା ବଡ଼ ବୟସର ଲୋକମାନଙ୍କୁ ସମ୍ମାନ ଦିଆଯାଉଛି ନା ଛୋଟ ମାନଙ୍କ ବିଚାର କରାଯାଉଛି । ଆପୋଷରେ ଲଢ଼ି ଚାଲୁଛନ୍ତି ଓ ଏହା ସବୁକିଛି ରୋଜା ରଖିବାର ଅବସ୍ଥାରେ ହିଁ ହେଉଅଛି । ନିୟମିତ ଯେଉଁଭଳି ସେମାନଙ୍କ ପ୍ରଥା ରହିଛି ଯେ ଲମ୍ବା ଲମ୍ବା ଜାମା ପିନ୍ଧି ନମାଜ ପଢ଼ିବାପାଇଁ ଆସିଥାନ୍ତି, ସେହି ସବୁ ଜାମା ପିନ୍ଧି ଏହିସବୁ ଲଢ଼ାଇ ଚାଲିଅଛି । ଅଲ୍ଲାଃ ତାଲା ତ ଏପରି ଅବସ୍ଥାରେ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ତୁମେ ମାନେ ରୋଜ ରଖିବା ଅବସ୍ଥାରେ କୌଣସି ଭୁଲ୍ କଥା କହିବ ନାହିଁ । ଯିଏ ଝଗଡ଼ା କରୁଛି ତାକୁ ମଧ୍ୟ ଉତର ଦେବ ନାହିଁ । କେବଳ ଏତିକି କହିଦେବ ଯେ, ମୁଁ ରୋଜା ରଖିଛି । ଅଲ୍ଲାଃ ତାଲା କହୁଛନ୍ତି ଯେ, ରୋଜାର ମୁଁ ହେଉଛି ପୁରସ୍କାର । କ'ଣ ଏହି ପ୍ରକାର ରୋଜା ରଖିଥିବା ଲୋକମାନଙ୍କର ଅଲ୍ଲାଃ ତାଲା ପୁରସ୍କାର ହେବେ ? କଣ ଏହି ଲୋକମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବେ ? କ'ଣ ଏହା ହେଉଛି ମନର ପବିତ୍ରତା ଯାହା ସେମାନଙ୍କୁ ଏପରି ରୋଜା ଦ୍ୱାରା ମିଳିଛି ? ଏହି ସବୁ କଥା ଗୁଡ଼ିକରୁ ଏ କଥା ମଧ୍ୟ ସ୍ପଷ୍ଟ ହୋଇଯାଉଛି ଯେ, ଆସିବାକୁ ଥିବା ଇମାମ୍‌ଙ୍କୁ ମାନିବା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ଓ କେତେ ଆବଶ୍ୟକତା ଥିଲା ଯେ ମୁସଲମାନଙ୍କ ସୁଧାର ନିମନ୍ତେ ଇମାମେ ୱକ୍ତ (ଏ ଯୁଗର ଆଧ୍ୟାତ୍ମିକ ଗୁରୁ) ଆସିଥାନ୍ତେ । ଯେତେବେଳେ ସେ ଆସିଗଲେ ସେତେବେଳେ ତାଙ୍କୁ ମାନୁ ନାହିଁ କିନ୍ତୁ ଏ କଥ ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ଆମେ ନିଜର ନିରୀକ୍ଷଣ କରିବା ଓ ନିଜକୁ ସୁଧାରିବା ସେହିପରି ହଜରତ ଅମିରୁଲ୍ ମୁମିନିନ୍ ଅ:ବ:ଅ କହିଲେ କି ଆମମାନଙ୍କୁ ସର୍ବଦା ନିଜର ଆତ୍ମସମୀକ୍ଷା କରିବା ଉଚିତ ଏବଂ ନିଜକୁ ସଂଶୋଧନ କରିବା ଉଚିତ । କାରଣ ଛୋଟ ଛୋଟ ଏବଂ ସାମାନ୍ୟ କଥାକୁ ନେଇ ଆମମାନଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଅଶାନ୍ତି ପରି ସମସ୍ୟାମାନ ଦେଖା ଦେଇଥାଏ ଉପରୋକ୍ତ କଥା ଗୁଡ଼ିକ ଉକ୍ତ ସମସ୍ୟାକୁ ଦୂର କରିବାରେ ସହାୟକ ହେବ । ସେହିପରି ଆମମାନଙ୍କୁ ରୋଜାକୁ ନିଷ୍ଠାର ସହିତ ପାଳନ କରିବା ଉଚିତ । ସୁତରାଂ ଅଲ୍ଲାଃତାଲାଙ୍କ ପ୍ରତି ନିଷ୍ଠା ମନୋଭାବ ପୋଷଣ କରି ତାଙ୍କର ଉପାସନାକୁ ସଠିକ୍ ରୂପେ ପାଳନ କରିବା ଉଚିତ । ପୁନଶ୍ଚ ତାଙ୍କର ଆଦେଶାବଳୀଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଉଚିତ । ସେହିପରି ଅନ୍ୟ ଏକ ଅବସରରେ ହଜରତ ମସିହ ମଉଦ ଆ:ସ କୁହନ୍ତି ଯେ: ବର୍ତମାନ ଯାହାକୁ ଇସଲାମ୍ କୁହାଯାଉଛି ତାହାର ସଂଜ୍ଞାରେ ମଧ୍ୟ ପରିବର୍ତନ ବା ତାରତମ୍ୟ ଦେଖାଦେଇଛି । ସମସ୍ତ ନିକୃଷ୍ଟତମ ସଦାଚାର ବା ସଦବ୍ୟବହାର ଚତୁର୍ଦିଗରେ ବ୍ୟାପି ଯାଇଛି ଏବଂ ସେହି ସଦାଚାର ଯାହାର ଚର୍ଚ୍ଚା "**ମୁଖଲିସିନା ଲହୁଦ୍ ଦୀନା**"ରେ ହୋଇଥିଲା । ତାହା ଆକାଶ ଉପରକୁ ଚାଲିଯାଇଛି ଅର୍ଥାତ୍ ନିଶ୍ଚିହ୍ନ ହୋଇଯାଇଛି, ତାହାର କୌଣସି ଅସ୍ତିତ୍ୱ ମଧ୍ୟ ଦେଖିବାକୁ ମିଳୁ ନାହିଁ । ଈଶ୍ୱରଙ୍କ ସହିତ ନିଷ୍ଠା ଓ ବିଶ୍ୱସ୍ତତାର, ପ୍ରେମ ଓ ଭକ୍ତିର ଯେଉଁ ସଂପର୍କ ଥିଲା ତାହା ସଂପୂର୍ଣ୍ଣରୂପେ ନିଶ୍ଚିହ୍ନ ହେବାକୁ ବସିଛି । ବର୍ତମାନ ଅଲ୍ଲାଃ ତାଲା ଏହା ସ୍ଥିର କରିଛନ୍ତି କି ସେହି ସମସ୍ତ ସଦାଚାର ତଥା ଚାରିତ୍ରିକ ଶକ୍ତିଗୁଡ଼ିକୁ ପୁନର୍ବାର ଉଜ୍ଜୀବିତ କରାଯାଉ । *(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୩୫୨)*

ପୁନଶ୍ଚ ହଜରତ ମସିହ ମଉଦ ଆ:ସ କହିଲେ ଯେ, "ସାଂପ୍ରତିକ ଯୁଗଟି କପଟ, ଅହଙ୍କାର. ଆତ୍ମପ୍ରଶଂସା,ଗର୍ବ ଆଦି ଅବଗୁଣଗୁଡ଼ିକ ବୃଦ୍ଧି କରିଚାଲିଛି ।" ଏହି ସବୁ କୁକର୍ମ ଗୁଡ଼ିକରେ ବହୁତ ଉନ୍ନତି ଘଟିଛି "ଏବଂ ମୁଖଲିସିନା ଲହୁଦ୍ ଦୀନ୍ ଇତ୍ୟାଦି ଯେଉଁ ସୁନ୍ଦର ବିସେଷ ଗୁଣ ଗୁଡ଼ିକ ଥିଲା ତାହା ଆକାଶକୁ ଉଠିଯାଇଛି" ପୁଣି କହୁଛନ୍ତି ଯେ, "ଭରଷା ଏବଂ ଅର୍ପଣ ଇତ୍ୟାଦି ସବୁକଥା ଶେଷ ହୋଇଗଲାଣି" ଅର୍ଥାତ୍ ଅଲ୍ଲାଃ ତାଲାଙ୍କ ଉପରେ ଆଉ ଭରଷା ନାହିଁ । ମୁମିନ୍ ଅଲ୍ଲାଃ ତାଲାଙ୍କ ଉପରେ ନିଜର ମାମଲାକୁ ଯେପରି ନ୍ୟସ୍ତ କରିଥାଏ ସେ ସବୁ କିଛି ଆଉ ମୁମିନ୍‌ଙ୍କ ନିକଟରେ ଦୃଷ୍ଟି ଗୋଚର ହେଉନାହିଁ । ଏଠାରେ ଯେଉଁ So Called ମୁମିନ୍ ଅଛନ୍ତି ଅର୍ଥାତ୍ କଥାକଥିତ ମୁମିନଙ୍କ କଥା କୁହାଯାଇଛି । ଛୋଟ ଛୋଟ କଥାରେ ଲଢ଼େଇ ଝଗଡ଼ା ଚାଲିଛି ସୁତରାଂ ଈଶ୍ୱରଙ୍କ ଉପରେ ଭରସା ଓ ନିଜକୁ ଈଶ୍ୱରଙ୍କ ହସ୍ତରେ ହସ୍ତାନ୍ତର କରିବା ଆଦି କଥାଗୁଡ଼ିକ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯାଇଛି । ସଂପୂର୍ଣ୍ଣ ରୂପେ ଏଖଲାକ (ଅର୍ଥାତ୍ ସଦାଚାରିତା) ଶେଷ ହୋଇଯାଇଛି । ଆପଣ ଆ:ସ ପୁଣି କହୁଛନ୍ତି ଯେ, "ଏବେ ଈଶ୍ୱର ଏହା ମନସ୍ତ କରିଛନ୍ତି ଯେ, ସେଗୁଡ଼ିକର ବୀଜରୋପଣ ହେଉ ।"

*(ଅଲ୍‌ବଦର୍ ଖଣ୍ଡ-୩, ସଂଖ୍ୟା-୧୦, ୮ ମାର୍ଚ୍ଚ ୧୯୦୪ ପୃ-୩)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahemadiya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahemadiya, Pankal (Odisha)*

ପ୍ରଥମେ କହିଲେ ଯେ ଖୁଦାଙ୍କର ଏହି ମନସ୍ତ ହୋଇଛି ଯେ ସେ ଉକ୍ତ ଶକ୍ତିଗୁଡ଼ିକୁ ଜୀବନ୍ତ କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏହି ବୀଜରୋପଣ ପ୍ରକ୍ରିୟା ହଜରତ ମସିହ ମଉଦ ଆ:ସଙ୍କ ମାଧ୍ୟମରେ ହିଁ ସଂଘଟିତ ହୋଇଛି ଏବଂ ଅଲ୍ଲାଃ ତାଲାଙ୍କର ଏହି ଅଭିପ୍ରାୟ ଯେ, ଉପରେ ବର୍ଣ୍ଣିତ ନିଶ୍ଚିହ୍ନ ହୋଇଯାଇଥିବା ସଦ୍‌ଗୁଣଗୁଡ଼ିକର ପୂନର୍ରୁଦ୍ଧାର ଏବଂ ପୂର୍ନଜୀବିତ କରିବା ପ୍ରକ୍ରୀୟା ଏବଂ ନିଜର ଉପାସନା ପଦ୍ଧତିକୁ ଶୁଦ୍ଧକରିବାର ଆବଶ୍ୟକତା ରହିଛି । ଭବିଷ୍ୟତରେ ଆମେମାନେ ସେହି ବୀଜରୋପଣ ପ୍ରକ୍ରିୟାରୁ ଜନ୍ମିତ ଚାରାଗଛ ତଥା ଉଭିତର ଶାଖାରେ ପରିଣତ ହେବୁ ଆମେମାନେ ତାହା ସେତେବେଳେ କରିପାରିବା ଯେତେବେଳେ ଆମେମାନେ ନିଜର ଉପାସନାକୁ କେବଳ ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟରେ ହିଁ ସମର୍ପିତ କରିବା । ସୁତରାଂ ଆମେମାନେ ଅନ୍ୟମାନଙ୍କ ଦୋଷଦୁର୍ବଳତାକୁ ଦେଖି ନିଜକୁ ସଂଶୋଧିତ କରିବାକୁ ଉଦ୍ୟମ କରିବା ଉଚିତ ଏବଂ ଅଲ୍ଲାଃ ତାଲାଙ୍କର କରୁଣା ଓ କୃପା ଅନ୍ୟ ସାଂସାରିକ ମୋହମାୟା ତୁଳନାରେ ପରିବ୍ୟାପ୍ତ ହେଉ । ଏକ ଅବସରରେ ହଜରତ ମସିହ ମଉଦ ଆ:ସ କହିଲେ ଯେ, କର୍ମ ନିମନ୍ତେ ନିଷ୍ଠାର ସର୍ତ୍ତ ରହିଛି ।" *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୩୫୪)*

ସୁତରାଂ ଯଦି ବାହ୍ୟିକ କର୍ମ ଥାଏ ଏବଂ ତହିଁରେ ନିଷ୍ଠା ନଥାଏ ଓ ଅଲ୍ଲାଃ ତାଲାଙ୍କର କୃପା ଲାଭ କରିବା ଅଭିପ୍ରେତ ନାହିଁ ତେବେ ଅଲ୍ଲାଃ ତାଲାଙ୍କ ନିକଟରେ ଏପରି କର୍ମାଚରଣ ପ୍ରଦର୍ଶନ କରିବା ଆଦୌ ଗ୍ରହଣୀୟ ନୁହେଁ । ନମାଜ ପଢ଼ିବା ବେକାର ସୁତରାଂ ଏହା ମଧ୍ୟ ଆମ ପାଇଁ ଏକ ସଚେତନ ବାର୍ତ୍ତା ଯେ ପର୍ଯ୍ୟନ୍ତ ଆମେ ଆମ ଉପାସନାଗୁଡ଼ିକୁ ନିଷ୍ଠାର ସହିତ ପାଳନ ନ କରିବୁ ସେ ପର୍ଯ୍ୟନ୍ତ ଉକ୍ତ ଉପାସନାଗୁଡ଼ିକ କୌଣସି ଲାଭ ପ୍ରଦାନ କରିବ ନାହିଁ ।

ପୁନଶ୍ଚ ଏକ ସ୍ଥଳରେ ହଜରତ ମସିହ ମଉଦ ଆ:ସ କହିଲେ ଯେ, "ସ୍ପଷ୍ଟ ହେଉ ଯେ, କୁରଆନ୍ ଶରୀଫ୍ ଅନୁଯାୟୀ ସ୍ୱାଭାବିକ ପ୍ରକୃତି ବା ଅବସ୍ଥା ଚାରିତ୍ରିକ ତଥା ଆଧ୍ୟାତ୍ମିକ ଅବସ୍ଥା ସହିତ ଅତ୍ୟନ୍ତ ଘନିଷ୍ଠ ସଂପର୍କ ସ୍ଥାପନ ହୋଇଥାଏ । ଏ ପର୍ଯ୍ୟନ୍ତ କି ମନୁଷ୍ୟର ଖାଦ୍ୟ ପାନୀୟର ଶୈଳୀ ମଧ୍ୟ ମନୁଷ୍ୟର ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ ।" ଯେପରି କି ମୁଁ ଇଫ୍‌ତାର କରିବାର ଘଟଣା ଟି ବତାଇଥିଲି ଯେ ଇପ୍‌ତାରି କରିବା ପାଇଁ ଯେଉଁ ଲୋକମାନେ ଏକାଠି ହୋଇଥିଲେ ମୁଁ ସେମାନଙ୍କ ଉଦାହରଣ ଦେଇଥିଲି ସେଥିରୁ ସେମାନଙ୍କ ବ୍ୟାହିକ ଅବସ୍ଥା ହିଁ ଆଧ୍ୟାତ୍ମିକ ଅବସ୍ଥାର ଛବି ଆଙ୍କୁ ଅଛି । ସୁତରାଂ ଏ କଥା ପ୍ରକାଶ କରୁଛି ଯେ, ତାଙ୍କ ଠାରେ ଆଧ୍ୟାତ୍ମିକତା ଏବେ ଶେଷ ହୋଇଯାଇଛି ଓ ଏ କଥା ଆମକୁ ଧ୍ୟାନ ଆକର୍ଷଣ କରାଇବା ଉଚିତ । ହଜୁର ଆ:ସ କୁହନ୍ତି ଯେ, ଯଦି ଉକ୍ତ ମାନବୀୟ ସ୍ୱାଭାବୀୟ ସୁଲଭ ପ୍ରକୃତିକୁ ଯଦି ଇସଲାମୀୟ ଆଇନ ଅନୁଯାୟୀ ବିନିଯୋଗ କରାଯାଏ ତେବେ ଯେପରି ଲବଣର ଖଣିରେ ପ୍ରତ୍ୟେକ ବସ୍ତୁ ପଡ଼ି ଲବଣ ଯୁକ୍ତ ବା ଲୁଣିଆ ହୋଇଯାଏ । ଠିକ୍ ସେହିପରି ଉପରୋକ୍ତ ସମସ୍ତ ଅବସ୍ଥା ଗୁଡ଼ିକ ସଦାଚାରରେ ପରିଣତ ହୋଇଥାଏ ।" (କହୁଛନ୍ତି ଅଲ୍ଲାଃ ତାଲାଙ୍କର ଯେଉଁ ନିର୍ଦ୍ଦେଶାବଳୀ ରହିଛି ଖାନପାନ ପାଇଁ ଯେଉଁ କଥା ରହିଛି, ଯେଉଁ ମୁଳ ଚରିତ୍ର ଗୁଡ଼ିକ ରହିଛଇ, ଖାଇବାରେ ନିୟନ୍ତ୍ରଣ ରଖିବା, ଏ ସମସ୍ତ ବିଷୟରେ ଯଦି ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶକୁ ସାମ୍ନା ରେ ରଖି କରାଯାଏ, ଶରିୟତର ନିର୍ଦ୍ଦେଶ ମୁତାବକ କରାଯାଏ ତେବେ ଏହା ଦ୍ୱାରା ତୁମର ଚରିତ୍ର ମଧ୍ୟ ଠିକ୍ ହୋଇଯିବ, ପୁଣି କହୁଛନ୍ତି ଯେ,ଏହି ସବୁ ଅବସ୍ଥା ସୁଚରିତ୍ର ହୋଇଯାଏ ଓ ଯେଉଁ ଆଧ୍ୟାତ୍ମିକତା ସୃଷ୍ଟି ହୋଇଥାଏ ଏହା ଦ୍ୱାରା ବହୁତ ଗଭୀର ପ୍ରଭବା ପକାଇଥାଏ) "ସେଥିଯୋଗୁଁ ପବିତ୍ର କୋରାନ୍ ସମସ୍ତ ଉପାସନା ଓ ଅନ୍ତଃ ପରିସ୍କାରର ଉଦ୍ଦେଶ୍ୟ ଏବଂ ଧ୍ୟାନ ଓ ମଗ୍ନ ହୋଇ ଉପାସନା କରିବାର ଉଦ୍ଦେଶ୍ୟ ଗୁଡ଼ିକ ନିମନ୍ତେ ଶାରିରିକ ପବିତ୍ରତା ଓ ଶାରିରିକ ଅଙ୍ଗଭଙ୍ଗୀ ଏବଂ ଶାରିରିକ ପରିବର୍ତ୍ତନକୁ ଦୃଷ୍ଟି ଆଗରେ ରଖିଛି ।" (ବ୍ୟାହ୍ୟିକ ପବିତ୍ରତା ମଧ୍ୟ ଆବଶ୍ୟକ ଶୃଙ୍ଖଳା ମଧ୍ୟ ଜରୁରୀ । ନିଜକୁ ଠିକ୍ ରଖିବା ମଧ୍ୟ ଆବଶ୍ୟକ ତେବେ ଯାଇ ମନୁଷ୍ୟ ନିଜକୁ ବାଲାଂସ ରଖିପାରିବ) ଆପଣ ଆ:ସ ପୁଣି କହୁଛନ୍ତି ଯେ "ଚିନ୍ତା କରିବାରେ ଏହି ଫିଲୋସଫି ଅତ୍ୟନ୍ତ ସଠିକ ଜଣା ପଡୁଛି ଯେ, ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ଆତ୍ମା ଉପରେ ବହୁତ ଶକ୍ତିଶାଳୀ ପ୍ରଭାବ ପକାଇଥାଏ ଯେପରି କି ଆମେ ଏହା ଦେଖିଥାଉ ଯେ, ଆମର ଦୈନନ୍ଦିନ କାର୍ଯ୍ୟ ଗୁଡ଼ିକ ତାହା ବ୍ୟାହିକ୍ୟ ହେଉଥିଲେ ମଧ୍ୟ ତାହାର ପ୍ରଭାବ ଆମ ଆଧ୍ୟାତ୍ମିକ ଅବସ୍ଥା ଉପରେ ନିଶ୍ଚିତ ରୂପେ ପଡ଼ିଥାଏ । ଉଦାହରଣ ସ୍ୱରୁପ ଯେତେବେଳେ ଆମ ଆଖି କାନ୍ଦିବା ଆରମ୍ଭ କରିଥାଏ, ଏହା ଦେଖାଣିଆ ଭାବେ ହେଉଥିଲେ ମଧ୍ୟ ତାହା ତତ୍‌କ୍ଷଣାତ୍ ଆମ ହୃଦୟ ଉପରେ ପ୍ରଭାବ ପକାଇଥାଏ" (ଅର୍ଥାତ୍ ତତ୍‌କ୍ଷଣାତ ମନ ମଧ୍ୟ ଦୁଃଖ ଅନୁଭବ କରିଥାଏ) "ସେତେବେଳେ ହୃଦୟ ମଧ୍ୟ ଆଖିକୁ ଅନୁସରଣ କରି ଦୁଃଖି ହୋଇଯାଏ । ସେହିପରି ଯେତେବେଳେ ଆମେ ଦେଖାଣିଆ ହସିବା ଆରମ୍ଭ କରୁ ସେଥିରେ ହୃଦୟରେ ମଧ୍ୟ ଏକ ଖୁସି ଅନୁଭବ ହୋଇଥାଏ ।" କହୁଛନ୍ତି ଯେ, ଏହା ମଧ୍ୟ ଦେଖିବାରେ ଆସିଛି ଯେ, ଶାରିରିକ ସଜ୍‌ଦା ମଧ୍ୟ ମନ ଭିତରେ ବେଦନାର ଅବସ୍ଥା ସୃଷ୍ଟି କରିଦେଇଥାଏ । ବେଳେବେଳେ ଶାରୀରିକ ସଜ୍‌ଦା କରିବା ଫଳରେ ମନ ଭିତରେ ବିନମ୍ରତା ସୃଷ୍ଟି ହୋଇଥାଏ ଏହାର ମୁକାବିଲାରେ ଆମେ ଏ କଥା ଦେଖିଥାଉ କି ଯେବେ ଆମେ ବେକକୁ ଉଚ୍ଚା କରି ଓ ଛାତିକୁ ଫୁଲାଇ ଚାଲିଥାଉ ଏହା ଦ୍ୱାରା ଆମ ଭିତରେ ଏକ ପ୍ରକାର ଗର୍ବ ଓ ଆତ୍ମ ବଢ଼ିବା ସୃଷ୍ଟି ହୋଇଥାଏ । ଏହି ସମସ୍ତ କଥାରୁ ସ୍ପଷ୍ଟ ହୋଇଯାଉଛି ଯେ ଶାରିରୀକ ଅଙ୍ଗପ୍ରତ୍ୟେଙ୍ଗ ଗୁଡ଼ିକ ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ ।

*(ଇସ୍‌ଲାମି ଉସୁଲ୍ କି ଫିଲାସଫି ରୁହାନି ଖଜାଏନ୍ ଖଣ୍ଡ-୧୦, ପୃ-୩୧୯-୩୨୦)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahemadiya, Pankal (Odisha)*

ପୁନଶ୍ଚ ହଜୁର ଆ:ସ ଏହା ମଧ୍ୟ କହିଛନ୍ତି ଯେ, ମନୁଷ୍ୟର ଆଧ୍ୟାତ୍ମିକ ଅବସ୍ଥାକୁ ସୃଦୁଢ଼ କରିବା ପାଇଁ ବାହ୍ୟିକ ଖାଦ୍ୟ ମଧ୍ୟ ପ୍ରଭାବ ପକାଇଥାଏ । ସୁତରାଂ ସର୍ବଦା ସନ୍ତୁଳିତ ଆହାର ଖାଇବା ଉଚିତ । ନା କେବଳ ମାସାଂସି ହୋଇଯାଅ ଓ ନା କେବଳ ଏ ନିଷ୍ପତି ନେଇଯାଅ ଯେ ଆମେ ପନିପରିବା ବ୍ୟତିତ ଆଉ କିଛି ଖାଇବା ନାହିଁ । ଈଶ୍ୱର ଯେଉଁ ସବୁ ପବିତ୍ର ବସ୍ତୁ ଗୁଡ଼ିକୁ ମନୁଷ୍ୟ ପାଇଁ ସୃଷ୍ଟି କରିଛନ୍ତି ସେହି ସବୁ ଖାଇବାକୁ ଅନୁମତି ଦେଇଛନ୍ତି ଅର୍ଥାତ୍ ହଲାଲ୍ (ବୈଧ), ପବିତ୍ର, ସନ୍ତୁଳିତ ଏବଂ ନଷ୍ଟ ନ ହେଉଥିବ ସେଗୁଡ଼ିକ ମନୁଷ୍ୟର ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ କାରଣ ସନ୍ତୁଳିତ ଆହାର ଖାଇବା ଦ୍ୱାରା ମନୁଷ୍ୟର ଚରିତ୍ର ମଧ୍ୟ ସନ୍ତୁଳିତ ହେବା ସଙ୍ଗେସଙ୍ଗେ ଅଲ୍ଲାଃ ତାଲାଙ୍କର ଉପାସନା ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ । ଆପଣ ଆ:ସ କହୁଛନ୍ତି ଯେ ଏହା ଇସ୍‌ଲାମର ସୁନ୍ଦରତା ଯେ, ସେ ପ୍ରତ୍ୟେକ ମାମଲାରେ ମାର୍ଗ ଦର୍ଶନ କରିଥାଏ । ଆପଣ ଆ:ସ କହୁଛନ୍ତି ଯେ, ଏହା ଈଶ୍ୱରଙ୍କର ସେହି ସମସ୍ତ ଲୋକମାନଙ୍କ ଉପରେ ଓ ସାରା ସଂସାର ଉପରେ କୃପା ଥିଲା ଯେ, ସେ ଶରିରର ସୁରକ୍ଷା ନିମନ୍ତେ ଏହି ନିୟମ ତିଆରି କରିଛି ଏପରି କି, ଅଲ୍ଲାଃ ତାଲା କହୁଛନ୍ତି **"ଓ୍ୱ କୁଲୁ ଓ୍ୱଶ୍‌ରବୁ ଓ୍ୱଲା ତୁସରିଫୁ"** ଅର୍ଥାତ୍ ନିଃସନ୍ଦେହ ତୁମେ ଖାଅ ପିଅ କିନ୍ତୁ ଖାଦ୍ୟ ପେୟରେ ମଧ୍ୟ ଅଯଥା କୌଣସି ଆଧିକ୍ୟ କିମ୍ୱା ନ୍ୟୁନତା ଅବସ୍ଥା ଆଣିବା ଅନୁଚିତ । *(ଅୟାମୁସ୍ ସୁଲ୍‌ହା, ରୁହାନି ଖଜାଏନ୍ ଖଣ୍ଡ-୧୪, ପଢ-୩୩୨)*

କାରଣ ଏହା ଯୋଗୁଁ ମଧ୍ୟ ସନ୍ତୁଳନ ବିଗିଡ଼ି ଯାଇଥାଏ ଏବଂ ପୁନଶ୍ଚ ଏହାର ପ୍ରଭାବ ଆଧ୍ୟାତ୍ମିକ ଅବସ୍ଥା ଉପରେ ପଡ଼ିଥାଏ । ସୁତରାଂ ଜଣେ ନୈଷ୍ଠିକ ଭକ୍ତ ଯିଏକି ଅଲ୍ଲାଃ ତାଲା ପାଇଁ ନିଜକ ସଂପୁର୍ଣ୍ଣ ରୂପେ ନିଷ୍ଠାର ସହିତ ଅଲ୍ଲାଃ ତାଲାଙ୍କର ଉପାସନା କରିଥାଏ ସେ କେବଳ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ସୁଦୃଢ଼ କରି ନଥାଏ ଓ ଅଲ୍ଲାଃ ତାଲାଙ୍କ ସହିତ ନିଜର ସଂପର୍କ ସ୍ଥାପନ କରିନଥାଏ ବରଂ ସେ ନିଜର ଶାରୀରିକ ଅବସ୍ଥାକୁ ସୁଦୃଢ଼ କରିଥାଏ ଓ ଅଲ୍ଲାଃ ତାଲାଙ୍କର ପ୍ରଦତ ପୁରସ୍କାର ଗୁଡ଼ିକର ବିନିଯୋଗ ମଧ୍ୟ ଅଲ୍ଲାଃ ତାଲାଙ୍କ କରୁଣା ଏବଂ କୃପାଲାଭ କରିବା ପାଇଁ ପ୍ରଯତ୍ନ କରିଥାଏ । ସାଂସାରିକ ବସ୍ତୁ, ଭୋଗବିଳାସ ଓ ଖାଇବାପିଇବା ତା ଜୀବନର ଉଦ୍ଦେଶ୍ୟ ହୁଏନାହିଁ ବରଂ ଯେତିକି ଜୀବନ ମିଳିଛି ସେ ସେଥିରେ ଏହି ସାଂସାରିକ ବସ୍ତୁ ଗୁଡ଼ିକଠାରୁ ଲାଭ ଉଠାଇ ଈଶ୍ୱରଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ଏ ଜୀବନ ବିତାଇବା ପାଇଁ ଚେଷ୍ଟା କରିଥାଏ । ଓ ଏହା ହିଁ ତାର ଉଦ୍ଦେଶ୍ୟ ଯେ ସେ କିପରି ଈଶ୍ୱରଙ୍କ ପ୍ରସନ୍ନତା ଲାଭ କରିବାପାଇଁ ଚେଷ୍ଟା କରିବେ । ସେହିପରି ଅଲ୍ଲାଃ ତାଲାଙ୍କର ପ୍ରାଣୀଜଗତର ଅଧିକାରକୁ ପ୍ରଦନା କରିବା ପ୍ରତି ମଧ୍ୟ ଜଣେ ମୁମିନ୍ ଧ୍ୟାନ ରଖିଥାଏ । ଇସ୍‌ଲାମ ହିଁ ଏପରି ଧର୍ମ ଯେଉଁଠି ମନୁଷ୍ୟକୁ ସେ ଈଶ୍ୱରର ଅଧିକାରକୁ ଦେବାପାଇଁ ଧ୍ୟାନ ଆକର୍ଷଣ କରାଇଥାଏ ସେଠାରେ ଅଲ୍ଲାଃ ତାଲାଙ୍କର ପ୍ରାଣୀଜଗତ ଅଧିକାରକୁ ପ୍ରଦାନ କରିବା ପାଇଁ ମଧ୍ୟ ଧ୍ୟାନ ଦେଇଥାଏ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏଠାରେ ଜମାଅତର କେନ୍ଦ୍ର ସ୍ଥାପନ କରିବା ସହିତ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଦ୍‌ଗରେ ଯେଉଁଠି ନିଜର ଉପାସନାର ସ୍ତରକୁ ବୃଦ୍ଧି କରିବାକୁ ପଡ଼ିବ ସେଠାରେ ନିଜର ଚାରିତ୍ରିକ ଆଚରଣକୁ ମଧ୍ୟ ସୁସଜ୍ଜିତ କରିବାକୁ ପଡ଼ିବ । ବିଶେଷ କରି ସେହି ନୂତନ ପରିସ୍ଥିତିରେ ଯେତେବେଳେ ଏହି ଅଚଂଳରେ ବସବାସ କରୁଥିବା ଲୋକମାନଙ୍କର ଏକ ନୂତନ ଦୃଷ୍ଟିକୋଣାନୁଯାୟୀ ପୂର୍ବାପେକ୍ଷା ଅଧିକ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି । ଯଦି ଆମେମାନେ ଉକ୍ତ କଥାକୁ ନିଜ ଦୃଷ୍ଟି ସମ୍ମୁଖରେ ରଖି ଜୀବନ ଅତିବାହିତ କରିବା ତେବେ ଏହା ଆମମାନଙ୍କ ପାଇଁ ତବଲିଗ୍ (ପ୍ରଚାର)ର ମାଧ୍ୟମ ପାଲଟିଯିବ ଏବଂ ତାହା ହିଁ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କର କୃତଜ୍ଞ ବ୍ୟକ୍ତ ଓ ଭକ୍ତିରେ ପରିଣତ କରି ଅଲ୍ଲାଃ ତାଲାଙ୍କର କରୁଣା ଓ କୃପା ଲାଭ କରିବାର ଅଧିକାରୀ ରୂପେ ବିବେଚିତ କରାଇବ ।

ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ଯେ, ଏଠାରେ ଏହି କଥାକୁ ମନେ ରଖିବାର ଆବଶ୍ୟକତା ରହିଛି ଯେ, କେତେକ ଲୋକମାନେ ନିଜର ପଡ଼ୋଶୀ ଏବଂ ଘର ବାହାରେ ସାକ୍ଷାତ୍ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କ ସହିତ ସଦ୍-ବ୍ୟବହାର ପ୍ରଦର୍ଶନ କରିଥାନ୍ତି କିନ୍ତୁ ନିଜ ପରିବାରରେ ଥିବା ସ୍ତ୍ରୀ ଏବଂ ପିଲାଛୁଆଙ୍କ ପ୍ରତି ଉତମ ଆଚରଣ ପ୍ରଦର୍ଶନ କରନ୍ତି ନାହିଁ ଏହା ସେମାନଙ୍କର ବ୍ୟକ୍ତିଗତ ଆଚରଣ ନୁହେଁ କାରଣ ଏହି କଥାଗୁଡ଼ିକ ଜମାଅତର ସଂହତି ଏବଂ ଶାନ୍ତି ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ । ଘରର ଅଶାନ୍ତିମୁଳକ ପରିବେଶ ଛୋଟ ପିଲାମାନଙ୍କ ଉପରେ କୁପ୍ରଭାବ ପକାଇଥାଏ ଏବଂ ପିଲାମାନେ ଭବିଷ୍ୟତରେ ଜମାଅତର ଏକ ଉତମ ଅଙ୍ଗ ବା ଅଂଶ ସାବ୍ୟସ୍ତ ହେବା ପରିବର୍ତେ ଜମାଅତ୍ ଏବଂ ଧର୍ମଠାରୁ ଦୁରେଇ ଯାଇଥାଆନ୍ତି । ସୁତରାଂ ଇସଲାମର ପ୍ରଚାର କରିବା ପାଇଁ ଏବଂ ଧର୍ମକୁ ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟର ଅଭିପ୍ରେତ କରିବା ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ ଯେ. ନିଜର ଆଗାମୀ ପିଢ଼ୀ ବା ବଂଶଧରଙ୍କର ମଧ୍ୟ ସୁରକ୍ଷା କରାଯାଉ ଏବଂ ଯଦି ଏପରି ନ କରାଯାଏ ତେବେ ଆସନ୍ତା ପିଢ଼ି ନଷ୍ଟ ହୋଇଯିବ ତେଣୁ ଏଥିପାଇଁ ଆମକୁ ମଧ୍ୟ ଚେଷ୍ଟା କରିବାକୁ ପଡ଼ିବ ଏ ଦୃଷ୍ଟିକୋଣରୁ ଯେ ଏହା ହେଉଛି ଯମାତର ବସ୍ତୁ କାରଣ ସେହି ପିଲାମାନେ ଦେଖିଥାନ୍ତି ଯେ ମୋ ବାପା ତ ବହୁତ ଧାର୍ମିକ ଲାଗୁଛନ୍ତି ଓ ଯମାତ୍‌ରେ ତାଙ୍କୁ ବହୁତ ଭଲ ଲୋକ ବୋଲି କୁହାଯାଉଛି କିନ୍ତୁ ଘରେ ତାଙ୍କର ବ୍ୟବହାର ସଂପୂର୍ଣ୍ଣ ଓଲଟା ଓ ଏହି ପ୍ରତିକ୍ରିୟା ପୁଣି ଆସନ୍ତା ପିଢ଼ିକୁ ଖରାପ କରିଦେବ ପୁଣି ଘରେ ହେଉଥିବା ଝଗଡ଼ା ଦ୍ୱାରା ସ୍ତ୍ରୀର ଘର ଲୋକେ ଓ ସ୍ୱାମୀଙ୍କ ଘର ଲୋକଙ୍କ ମଧ୍ୟରେ ମନ ମାଳିନ୍ୟତା ବଢ଼ିବା ଆରମ୍ଭ ହୋଇଯାଏ ଫଳତଃ ପରିବେଶରେ ଶାନ୍ତି କ୍ଷୁର୍ଣ୍ଣ ହୋଇଥାଏ ତେଣୁ ଏ ନିଷ୍ପତି କରନ୍ତୁ ଯେ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahemadiya, Kerang (Odisha)*

ଆମକୁ ଏହା କରିବାକୁ ହେବ । ଅଲ୍ଲାଃ ତାଲା ଆମକୁ ଯମାତ ସହିତ ଯୋଡ଼ି ଯେଉଁ ଦୟା ଓ କୃପା କରିଛନ୍ତି ତାର କୃତଜ୍ଞତା ଜ୍ଞାପନ ନିମନ୍ତେ ଆମେ ନିଜର ଅବସ୍ଥାକୁ ଅଲ୍ଲାଃ ତାଲାଙ୍କ ନିମନ୍ତେ ନିଷ୍ଠାର ସହିତ ପରିବର୍ତ୍ତନ କରିବା ଉଚିତ ଓ ତାର ନିର୍ଦ୍ଦେଶ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ ଅତଃ ଯେଉଁ ଘରମାନଙ୍କରେ ଏପରି ସମସ୍ୟା ଉପୁଜୁଥାଏ ତେବେ ସେମାନଙ୍କୁ ନିଜର ଘରର ଶାନ୍ତି ଏବଂ ସଦଭାବ ଏବଂ ସଂହତିକୁ ପୁନଃସ୍ଥାପନ କରିବା ପାଇଁ ମଧ୍ଯ ଚେଷ୍ଟା କରିବା ଉଚିତ । ସେହିପରି ଯେଉଁ ମହିଳାମାନଙ୍କ ଠାରେ ସାମାନ୍ୟ କଥାକୁ ନେଇ କ୍ରୋଧାଭାବ ଉତ୍ପନ୍ନ ହୋଇଯାଏ ସେହି ମହିଳାମାନଙ୍କୁ ନିଜର ଶନ୍ତାନମାନଙ୍କର ସଂସ୍କାର ନିମନ୍ତେ ନିଜର ଅବସ୍ଥାକୁ ମଧ୍ଯ ସର୍ବ ପ୍ରଥମେ ପରିବର୍ତ୍ତନ କରିବାର ତଥା ସୁଧାରିବାର ଆବଶ୍ୟକତା ରହିଛି । ଏହି ପବିତ୍ର ମାସକୁ ଏହି ଦୃଷ୍ଟିକୋଣରୁ ଯଥାଯଥ ଭାବେ ଯଶ୍ୱସୀ କରି ନିଅନ୍ତୁ ଯେ, ନିଜ ଘରକୁ ମଧ୍ଯ ଏହି ପବିତ୍ର ମାସରେ ପୂଣ୍ୟ ଏବଂ ବରକତ ଦ୍ୱାରା ସୁଶୋଭିତ କରିବା ଉଚିତ । ଆମମାନଙ୍କୁ ଅତ୍ମସଂଯମ କ୍ଷେତ୍ରରେ ମଧ୍ଯ ଅଗ୍ରସର ହେବା ଉଚିତ । ରମ୍‌ଜାନ ମାସରେ ମସଜିଦ ପ୍ରତି ଧ୍ୟାନ ଆକର୍ଷଣ ସୃଷ୍ଟି ହୋଇଛି ତେଣୁ ତକ୍‌ୱା ଯାହା ହେଉଛି ମସଜିଦ୍ ର ଅସଲ ସୁନ୍ଦରତା, ସେଥିରେ ଆମକୁ ବଢ଼ିବା ଉଚିତ । ଯେପରି ହଜରତ ମସିହ ମଉଦ ଆ:ସ କହୁଛନ୍ତି ତକ୍‌ୱା ଉପରେ ପରିଚାଳିତ ହୋଇ ଧୂର୍ତ୍ତତା, ଛଳନା ଏବଂ ଗର୍ବ ଓ ଅହଙ୍କାର, ଆତ୍ମବଡ଼ିମା ଆଦିରୁ ଦୂରେଇ ରହିବା ଉଚିତ । ଆମ ଉପରେ ଯେତେ ଅଧିକ ଅଲ୍ଲାଃ ତାଲାଙ୍କ କୃପା ବୃଷ୍ଟି ହେଉଛି ସେତେ ଅଧିକ ଆମମାନଙ୍କୁ ସେହି କଥାଗୁଡ଼ିକୁ ଚିନ୍ତା କରିବା ଦରକାର ଯେ, ଆମମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଲ୍ଲାହା ତାଲାଙ୍କର ପ୍ରସନ୍ନତାର ପଥକୁ ଅନ୍ୱେଷଣ କରିବା ଦିଗରେ ଉଦ୍ୟମ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏହି ଧାର୍ମିକ କେନ୍ଦ୍ର ଯାହାକୁ ଅଲ୍ଲାଃ ତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି ତାହାର ପ୍ରକୃତ ଅଭିପ୍ରାୟ ଏହି ଧର୍ମର ଆବଶ୍ୟକତାକୁ ମେଟଂାଇବା ଦିଗରେ ବିନିଯୋଗ କରିବା ଉଚିତ । କିନ୍ତୁ ସାଂସାରିକତା ଦୃଷ୍ଟିରୁ ଦେଖିଲେ ଏହା ମଧ୍ଯ ଅଲ୍ଲାଃ ତାଲାଙ୍କ ଆମ ଉପରେ ଏକ ଉପକାର ଯେ, ସେ ଅମାମାନଙ୍କୁ ଉଭୟ ପାର୍ଶ୍ୱ ଅର୍ଥାତ୍ ଧାର୍ମିକତା ଏବଂ ସାଂସାରିକତାର ପୁରସ୍କାର ଦ୍ୱାରା ସମ୍ମାନିତ କରିଛନ୍ତି । ଅତ୍ୟ ଆମମାନଙ୍କୁ ଉଭୟ ପକ୍ଷକୁ ଆଖି ଆଗରେ ରଖି ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ । ଜଣେ ସାଂସାରିକ ବ୍ୟକ୍ତି ଯେତେବେଳେ ଏହି ସବୁ ଯୋଜନାଗୁଡ଼ିକୁ ଦେଖିଥାଏ ସେ ବିନା ପ୍ରଭାବିତ ହୋଇ ରହିପାରେନାହିଁ ଓ ଯେତେବେଳେ ସେ ଜାଣିପାରେ ଯେ ଏହା ତ କେବଳ ଅଲ୍ଲାଃ ତାଲାଙ୍କ କୃପା ବଳରୁ ସମ୍ଭବ ହୋଇପାରିଛି ନଚେତ ଆମେ ଗୋଟିଏ ଛୋଟିଆ ଯମାତ ଓ ଆମ ନିକଟରେ ସାଂସାରିକ ସାଧନ ବିଲ୍‌କୁଲ୍ ସିମୀତ ଓ ଯମାତର ସଦସ୍ୟମାନଙ୍କ କୁର୍ବାନୀ ଯୋଗୁଁ ଏହା ସବୁ କିଛି ହୋଇପାରିଛି ସେତେବେଳେ ସେ ଆହୁରି ଆଶ୍ଚର୍ଯ୍ୟ ଚକିତ ହୋଇଥାଏ ଓ ସେତେବେଳେ ସେମାନଙ୍କୁ ଏ ଅନୁଭବ ହୋଇଥାଏ ଯେ, ଆଜି ମଧ୍ଯ ସେହି ଜୀବିତ ଈଶ୍ୱର ଅଛନ୍ତି, ସେ ଯାହାକୁ ଚାହୁଁଛନ୍ତି ସାହାଯ୍ୟ କରୁଛନ୍ତି । ଯାହାକୁ ଦେବାକୁ ଚାହୁଁଛନ୍ତି ତାଙ୍କୁ ଦେଉଛନ୍ତି । ସୁତରାଂ ଜଣେ ସାଂସାରିକ ବ୍ୟକ୍ତି ଉପରେ ଆମର ଏହି ଶିକ୍ଷା ପ୍ରଭାବ ପକାଇଥାଏ ସେଥିଯୋଗୁଁ ସେ ଏହି ଦୃଷ୍ଟିକୋଣରୁ ଜେରେତବ୍‌ଲିଗ୍ (ଅର୍ଥାତ୍ ଅଲ୍ଲାଃଙ୍କ ବାର୍ତ୍ତାକୁ ପହଂଚାଇବା) ହୋଇଥାଏ ଅଲ୍ଲାଃ ତାଲାଙ୍କର ଅସ୍ତିତ୍ୱକୁ ଦେଖାଇବାକୁ ହେଲେ ଆମମାନଙ୍କ ପାଇଁ ଆବଶ୍ୟକ ଯେ, ଆମର କଥନ ଏବଂ କର୍ମ ଏପରି ହେବା ଦରକାର ଯାହା ଅନ୍ୟମାନଙ୍କୁ ପ୍ରଭାବିତ କରିପାରୁଥିବ । ତେଣୁ ଯେକୌଣସି ପାର୍ଶ୍ୱରୁ ଆମେ ଦେଖୁ ସେତେବେଳେ ଈଶ୍ୱରଙ୍କ ସମକ୍ଷରେ ଆମେ ନତ ମସ୍ତକ ହୋଇଯାଉ । କାରଣ ସେ ଆମମାନଙ୍କୁ ଗୋଟିଏ ଗ୍ରାମ ବସାଇବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଯଦିଚ ଏହା ଏକ ଛୋଟିଆ ମୋହଲା୍ (ସାହି)ସମାନ ଜନବସତି ବରଂ ଏହା ତାଠାରୁ ମଧ୍ଯ ଛୋଟ କିନ୍ତୁ ଧାର୍ମିକ କେନ୍ଦ୍ର ଦୃଷ୍ଟିକୋଣରୁ ଏହାର ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଲ୍ଲାଃ ତାଲା ଆମମାନଙ୍କୁ ପୃଥିବୀର ସେହି ସ୍ଥଳ ଭାଗରେ ଧାର୍ମିକ କେନ୍ଦ୍ର ସ୍ଥାପନ କରିବାର ସାମର୍ଥ୍ୟ ପ୍ରଦାନ କଲେ ଯେଉଁଠି ଏକେଶ୍ୱର ରୂପୀ ଅଲ୍ଲାଃ ତାଲାଙ୍କର ଉପାସନା ଠାରୁ ଲୋକମାନେ ସଂପୂର୍ଣ୍ଣ ରୂପେ ନିବୃତ ହୋଇ ଦୂରେଇ ଯାଉଥିଲେ ଏବଂ ସେହି ଭୂମିରେ ଅଲ୍ଲାଃ ତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରାଯାଉଥିଲା, ସେହି ଭୂମିରେ ଶିର୍କ ବହୁଳ ଭାବରେ ପରିବ୍ୟାପ୍ତ ହୋଇଥିଲା । ଆଜି ଏହି ସ୍ଥାନରୁ ଏକ ନୂତନ ସଂକଳ୍ପ ନେଇ ଏକେଶ୍ୱରବାଦର ପ୍ରଚାର ନିମନ୍ତେ ପ୍ରଚେଷ୍ଟା କରନ୍ତୁ ଏବଂ ଆଁହଜରତ ସ:ଆ:ସଙ୍କର ନିଷ୍ଠାପର ଦାସ ବା ସେବକଙ୍କର ମିଶନକୁ ପୂର୍ଣ୍ଣ କରିବା ପାଇଁ ଉଦ୍ୟମ କରନ୍ତୁ । ପୁନଶ୍ଚ ସେହି ଦିବସର ଆଗମନ ହେବାକୁ ଅଛି ଯେତେବେଳେ କି ଗ୍ରାମ୍ୟମାନଙ୍କରୁ ଗ୍ରାମ୍ୟ ଯାଏଁ ଏବଂ ସହରରୁ ସହର ଯାଏଁ ସମସ୍ତେ ସେହି ଏକେଶ୍ୱରରୂପୀ ଅଲ୍ଲାଃ ତାଲାଙ୍କ ଏକେଶ୍ୱରବାଦାର ଘୋଷଣା କରୁଥିବେ ଏବଂ ଆଜି ଯେଉଁ ଲୋକମାନେ ଆଁହଜରତ ସ:ଆ:ସଙ୍କ ବିରୁଦ୍ଧରେ ଯାହା ଇଛା ତାହା କହି ଯାଉଛନ୍ତି । ଈଶ୍ୱର କରନ୍ତୁ କି ସେମାନେ ଆଁହଜରତ ସ:ଆ:ସଙ୍କ ବିରୁଦ୍ଧରେ ଏଭଳି ମନ୍ତବ୍ୟ ତଥା ଅପଶବ୍ଦ ପ୍ରୟୋଗ କରିବା ଅପେକ୍ଷା ଆଁହଜରତ ସ:ଆ:ସଙ୍କ ଧ୍ୱଜା ତଳେ ଆଶ୍ରୟ ନେଇ ନିଜକୁ ଗର୍ବିତ ମନେ କରନ୍ତୁ ଏବଂ ଆଁହଜରତ ସ:ଆ:ସଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରନ୍ତୁ । ସୁତରାଂ ଏହା ପ୍ରତ୍ୟେକ ଅହମଦିର କର୍ତବ୍ୟ ଅଟେ ଯେ. ସେ ଯଥା ସମ୍ଭବ ପ୍ରାର୍ଥନା ଦ୍ୱାରା ଉପସ୍ଥିତ ଖଲିଫାଙ୍କର ସାହାଯ୍ୟ କରୁ । ପୂର୍ବ ଖଲିଫାମାନେ ପବିତ୍ର ରମଜାନ୍ ମାସରେ ମସଜିଦର ଶୁଭୋଦଘାଟନ କରିଥିଲେ କି ନାହିଁ ମୋତେ ଏହା ଜ୍ଞାତ ନାହିଁ । କିନ୍ତୁ ମୋ ସମୟରେ ଏହା ପ୍ରଥମ ଅବସର ଯେ, ଅଲ୍ଲାଃତାଲା ଏହି ପବିତ୍ର ରମଜାନ୍ ମାସରେ ମୋତେ ମସଜିଦର ଶୁଭୋଦଘାଟନ କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସୁତରାଂ ଏହି ପବିତ୍ର ମଙ୍ଗଳମୟ ମାସରେ ତଥା ପ୍ରାର୍ଥନା ସ୍ୱୀକୃତ ମାସରେ ସିଠିକ୍ ରୂପେ ଲାଭବାନ୍ ହେବାକୁ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ସ୍ଥଳ ଭାଗରେ ଅହମଦିୟତର ଉନ୍ନତି ଓ ବିକାଶ ତଥା ମସଜିଦ୍ ସ୍ଥାପନର ଅଭିପ୍ରାୟକୁ ପୂର୍ଣ୍ଣ କରି ଅଲ୍ଲାଃ ତାଲାଙ୍କ ନିକଟରେ ଆକୁଳ ନିବେଦନ ଓ ପ୍ରାର୍ଥନା କରନ୍ତୁ । କେନ୍ଦ୍ରର ସଂପ୍ରସାରଣ ଲାଗି ରହୁ ଏବଂ ଏହାର ଆଖପାଖରେ ଅହମଦିୟା ଜନବସିତି ଗଢ଼ିଉଠୁ । ଆମେମାନେ ଲୋକମାନଙ୍କର ଇସଲାମ୍ ଧର୍ମରେ ଦୀକ୍ଷିତ ହେବାର ସ୍ୱପ୍ନକୁ ସାକାର ହେଉଥିବାର ଦୃଶ୍ୟ ଦେଖିବାର ଯେପରି ସକ୍ଷମ ହୋଇପାରୁ । ଶତ୍ରୁର ସମସ୍ତ ମନ୍ଦ ଉଦ୍ଦେଶ୍ୟ ଏବଂ ଯୋଜନାକୁ ଆମେ ପଣ୍ଡ ହେଉଥିବା ଦେଖିବୁ । ରବଓ୍ୱା ଯିବାର ପଥ ମଧ୍ଯ ସୁଗମ ଓ ଉନ୍ମୁକ୍ତ ହେଉ ଏବଂ କାଦିୟାନ୍ ଯାହାକି ମସିହ ମଉଦ ଆ:ସଙ୍କର ସିଂହାସନ ଅଟେ ସେଠାକୁ ଫେରିବାର ପଥ ମଧ୍ଯ ସୁଗମ ଏବଂ ଉନ୍ମୁକ୍ତ ହେଉ । ସେହିପରି ମକ୍କା ମଦିନା ଯିବାର ପଥ ମଧ୍ଯ ସୁଗମ ତଥା ଉନ୍ମୁକ୍ତ ହେଉ । ଆମିନ୍ । କାରଣ ତାହା ଆମର ପ୍ରିୟ ସ୍ୱାମୀ ଓ ମାତା (ଅଜ୍ଞାପାଳକ) ହଜରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କର ବସ୍ତି ଅଟେ ଏବଂ ତାହା ଇସଲାମୀୟ ସାର୍ବକାଳିକ ତଥା ଚୀରସ୍ଥାୟୀ ଆନ୍ତର୍ଜାତିକ କେନ୍ଦ୍ର ଅଟେ ଏବଂ ଇସଲାମର ପ୍ରକୃତ ବାର୍ତ୍ତା ସେହି ଲୋକମାନଙ୍କ ପର୍ଯ୍ୟନ୍ତ ମଧ୍ଯ ପହଂଚୁ । ସେମାନେ ଆଁହଜରତ ସ:ଆ:ସଙ୍କର ସଚ୍ଚା ସେବକଙ୍କର ପୁଷ୍ଟି କରନ୍ତୁ । ଅଜ୍ଞାନତା ତଥା ମୂର୍ଖତା ଯୋଗୁଁ ବୈରାଗ୍ୟ ଏବଂ ଶତ୍ରୁତା ମନୋଭାବ ରଖୁଥିବା ବ୍ୟକ୍ତିଙ୍କର ଚକ୍ଷୁକୁ ଅଲ୍ଲାଃ ତାଲା ଉନ୍ମୁକ୍ତ କରନ୍ତୁ । ଯେଉଁମାନେ ଉପଦ୍ରବକୁ ଭିତି କରି ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସାଧାରଣ ମୁସଲମାନ ଜନତାଙ୍କ ହୃଦୟରେ ହଜରତ ମସିହ ମଉଦ୍ ଆ:ସ ଓ ତାଙ୍କର ଆନୁଗତ୍ୟ ସ୍ୱୀକାର କରିଥିବା ଅହମଦିମାନଙ୍କ ବିରୁଦ୍ଧରେ ବିଦ୍ୱେଷାଭାବ ଉତ୍ପନ୍ନ କରୁଥିବା ଉପଦ୍ରବକାରୀଙ୍କ କବଳିତ ହେବା ପାଇଁ ଅଲ୍ଲାହା ତାଲା ଯଥାଶୀଘ୍ର ସାଧନ ଉପଲବ୍ଧ କରନ୍ତୁ । ସେହିପରି ମୁସଲମାନମାନେ ମସିହ ମଉଦ ଆ:ସଙ୍କ ହସ୍ତରେ ଏକତ୍ରିତ ହୋଇ ଏକ ଉମ୍ମତରେ ପରିଣତ ହୋଇ ଇସଲାମର ପ୍ରକୃତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ଅଲ୍ଲାଃ ତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଶୀଘ୍ର ଶୀଘ୍ର ଅଣମୁସଲମାନମାନେ ମଧ୍ଯ ଇସଲାମୀୟ ଧ୍ୱଜା ତଳକୁ ଆସିଯାଆନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ମସଜିଦର ନିର୍ମାଣ ସଂପର୍କିତ ଯୋଜନାମୁଳକ ବିବରଣୀ ଉପସ୍ଥାପନ କରି କହିଲେ ଯେ, ଏହି ମସଜିଦ୍ ଓ ଏହାର ନିର୍ମାଣ ଯୋଜନା ସମ୍ବନ୍ଧରେ ମଧ୍ଯ ଅଳ୍ପ କିଛି ବତାଇ ଦେଉଛି ଅଲ୍ଲାଃ ତାଲାଙ୍କ କୃପାରୁ ଏହି ମସଜିଦ୍‌ରେ ନମାଜୀ ମାନଙ୍କ ପଢ଼ିବା ପାଇଁ ଯେଉଁ ଏରିଆ ରହିଛି ତାହା ଉଣା ଅଧିକେ ୩୧୪ ବର୍ଗମିଟର ଅର୍ଥାତ୍ ୫୦୦ ଲୋକେ ଏଠାରେ ନମାଜ ପଢ଼ିପାରିବେ ଏବଂ ଏହାକୁ ସଂଲଗ୍ନ ହୋଇ ରହିଥିବା ହଲ୍ (ପ୍ରଶସ୍ତ କକ୍ଷ)ରେ ପାଖାପାଖି ୧୨୦୦ ଏବଂ ଆଉ ଗୋଟିଏ ସ୍ଥାନରେ ୧୧୦ ଜଣ ଲୋକେ ନମାଜ ପଢ଼ିପାରିବେ । ପୁଣି ହଲ୍‌ର ଆଗ ସମ୍ମୁଖରେ ତାର ଦୁଆରରେ ଗୋଟିଏ ଛତା ସଦୃଶ ସ୍ଥାନ ମଧ୍ଯ ରହିଛି ସେଥିରେ ମଧ୍ଯ ପାଖାପାଖି ୩୦୦ ଲୋକେ ନମାଜ ପଢ଼ିପାରିବେ ତେଣୁ ଏହି ଦୃଷ୍ଟିକୋଣରୁ ଏଠାରେ ୨୦୦୦ରୁ ଉର୍ଦ୍ଧ ନମାଜ ପାଠକାରୀଙ୍କ ପାଇଁ ସ୍ଥାନ ରହିଛି । ସେହିପରି ମୁଁ ଯେପରି ବତାଇଛି ଯେ ଏଠାରେ ଘର, କାର୍ଯ୍ୟାଳୟ ଓ ଅଫିସ ବ୍ଲକ ତିନୋଟି ନିର୍ମାଣ ହୋଇଛି କିନ୍ତୁ ସେଥିରେ ପାଖାପାଖି ୫ଟି କାର୍ଯ୍ୟାଳୟ ତିଆରି ହୋଇସାରିଛି । ଆଶା ଅଛି ଯେ, ଏମ୍.ଟି.ଏର ଷ୍ଟୁଡିଓ ଇତ୍ୟାଦି ନିମନ୍ତେ ସ୍ଥାନ ମିଳିଯିବ । ପୁଣି ସେଠାରେ ସବୁ ପ୍ରକାରର ସୁବିଧା ଯେପରି ଗାଧୁଆଘର ଇତ୍ୟାଦି ନିର୍ମାଣ କରାଯାଇଛି ତତ୍‌ସହିତ ସେଠାରେ ସୋଲାର୍ ଏନର୍ଜିର ପ୍ୟାନେଲ ମଧ୍ଯ ପ୍ରତ୍ୟେକ ସ୍ଥାନରେ ଲଗାଯାଇଛି । ଏତଦ୍‌ବ୍ୟତିତ ଏ ଯୁଗରେ ଉପଲବ୍ଧ ଥିବା ସବୁ ପ୍ରକାରର ସୁବିଧା ଯୋଗାଇ ଦେବାପାଇଁ ଚେଷ୍ଟା କରାଯାଇଛି ।

ଏ ଯୋଜନାଟି ଏପରି ଥିଲା ଯେ ତାହା ବହୁତ ବଡ଼ ହେବା ସତ୍ୱେ ମଧ୍ଯ ସେଥିପାଇଁ ଅଲଗା କୌଣସି ମାଲିତେହରିକ୍ (ଅର୍ଥ ଯୋଗାଡ଼ କରିବା ପାଇଁ ଆହ୍ୱାନ କରାଯାଇନାହିଁ) ଓ ମୁଁ ଯେତିକି ଜାଣିଛି ତାହା ହେଉଛି ଏହା କି, ଏହା ଏପରି ଏକ ପ୍ରଥମ ଯୋଜନା ଯାହା ବିନା କୌଣସି ଅଲଗା ତହରିକ୍ କରିବା ସତ୍ୱେ ମଧ୍ଯ ସମ୍ପୂର୍ଣ୍ଣ ହୋଇଛି । ମସ୍‌ଜିଦ୍‌ରେ ଯେଉଁ କାରୁକାର୍ଯ୍ୟ ରହିଛି ଯାହା କିଛି ଲୋକଙ୍କୁ ଭଲ ଲାଗୁଛି ଓ କିଛି ଲୋକଙ୍କୁ ଭଲ ଲାଗୁନାହିଁ କିନ୍ତୁ ସେ ଯାହା ହେଉ ସେଥିରେ କାରୁକାର୍ଯ୍ୟ ଏପରି କରାଯାଇଛି ଯେ ଯଦ୍ୱାରା ବିଜୁଳୀ ଖର୍ଚ୍ଚ କମ ହେବ ଓ ଶକ୍ତିର ଖର୍ଚ୍ଚ କମ ହେବ ଏତଦ୍‌ବ୍ୟତୀତ ଏହି ମସଜିଦର ନିର୍ମାଣରେ ସାଧାରଣ ନିର୍ମାଣ କାର୍ଯ୍ୟ ଅପେକ୍ଷା କମ୍ ଖର୍ଚ୍ଚ କରାଯାଇଛି । ମସଜିଦ୍ ଭିତରେ ଯେଉଁ କ୍ୟାଲିଗ୍ରାଫି କରାଯାଇଛି ଏହା ପୂର୍ବରୁ ଏତେ ମାତ୍ରାରେ କ୍ୟାଲିଗ୍ରାଫି ଆମର କୌଣସି ମସଜିଦ ଗୁଡ଼ିକରେ ହେଇନଥିଲା ଯେହେତୁ ଏହି ମସଜିଦର କାରୁକାର୍ଯ୍ୟ ଏପରି ଥିଲା ଯେ, ସେଥିପାଇଁ ମୁଁ ତାଙ୍କୁ କହିଲି କ୍ୟାଲିଗ୍ରାଫି କରିବାରେ କୌଣସି ଅସୁବିଧା ନାହିଁ । ଅଲ୍ଲାଃ ତାଲାଙ୍କର ଯେଉଁ ବିଶେଷ ଗୁଣବାଚକ ନାମ ରହିଛି ତାହା ଲେଖିବାରେ କୌଣସି ଅସୁବିଧା ନାହିଁ ଏହି କାର୍ଯ୍ୟ ନିମନ୍ତେ ରିଜ୍‌ୱାନ ବେଗ୍ ସାହେବ ଯିଏ ଜଲ୍‌ସା ଦିନ ଗୁଡ଼ିକରେ କୁର୍‌ଆନ୍ ପ୍ରୋଜେକ୍ଟ ମଧ୍ଯ କରିଥାନ୍ତି, ସେ ଏହି କାର୍ଯ୍ୟରେ ବହୁତ ସାହାଯ୍ୟ କରିଛନ୍ତି । ସେ ଏହାକୁ ଲେଖିଛନ୍ତି । ଅଲ୍ଲାଃ ତାଲା ତାଙ୍କୁ ମଧ୍ଯ ଏହାର ପ୍ରତିଫଳ ପ୍ରଦାନ କରନ୍ତୁ ଓ ତାଙ୍କ ସହିତ ରିଭ୍ୟୁ ଅଫ୍ ରିଲିଜିୟନ୍‌ର ଏଡ଼ିଟର୍ ଆମିର୍ ସଫିର୍ ମଧ୍ଯ ବହୁତ ସାହାଯ୍ୟ କରିଛନ୍ତି । ପୁଣି ଆମର ଦୁଇଜଣ ମୁରବୀ ଥିଲେ ଜଣେ ଏ ବର୍ଷ କାନ୍ନାଡ଼ାରୁ ପାସ୍ ହୋଇଛନ୍ତି ବାସିଲ୍ ବଟ୍ ସାହେବ୍ ସେ ଏବେ ଏଠାକୁ ଆସିଥିଲେ, ସେ ଏବଂ ମୁସା ସତାର୍ ଓ ମସଓ୍ୱର ଦିନ୍ ସେମାନେ ଗୋଟିଏ ଗୋଟିଏ ଶବ୍ଦକୁ (ଶବ୍ଦକୁ ନୁହେଁ ଅକ୍ଷରକୁ) ନେଇ ଯୋଡ଼ିଛନ୍ତି ଓ ଗୋଟିଏ ସ୍ୱତନ୍ତ୍ର ଅଠା ଦ୍ୱାରା ଲଗାଇଛନ୍ତି । ଏହା ବହୁତ ପରିଶ୍ରମର କାର୍ଯ୍ୟ ଥିଲା ଯାହାକୁ ଏମାନେ ସମସ୍ତେ ସମ୍ପାଦନ କରିଛନ୍ତି । ଅଲ୍ଲାଃ ତାଲା ସମସ୍ତଙ୍କୁ ଏହାର ପ୍ରତିବଦଳ ପ୍ରଦାନ କରନ୍ତୁ । ସେହିପରି ଅଡ଼ିଓ ଓ ଭିଡ଼ିଓ କାର୍ଯ୍ୟ ନିମନ୍ତେ ୟୁ.କେ ରେ ଥିବା ଏମ୍.ଟି.ଏ ଟିମ୍ ବହୁତ ପରିଶ୍ରମ କରିଛନ୍ତି । ଅଲ୍ଲାଃ ତାଲା ସମସ୍ତଙ୍କୁ ଏହାର ପ୍ରତିବଦଳ ପ୍ରଦାନ କରନ୍ତୁ । ନିର୍ମାଣ କାର୍ଯ୍ୟର ଯେଉଁ ଯୋଜନା ଥିଲା ସେଥିରେ ଗୋଟିଏ କେନ୍ଦ୍ରୀୟ ଟିମ୍ ନିର୍ମାଣ କରାଯାଇଥିଲା ତାହା ସମୟ ସମୟରେ ନିରୀକ୍ଷଣ କରୁଥିଲା ଓ ସଦାସର୍ବଦା ନିରୀକ୍ଷଣ କରିବାପାଇଁ ଦୁଇଜଣଙ୍କୁ ସାମିଲ କରାଯାଇଥିଲା ସେଥି ମଧ୍ୟରୁ ଜଣେ ହେଉଛନ୍ତି ଓ୍ୱକ୍‌ଫେ ଆରଜି କରୁଥିବା ଇଦ୍‌ରିସ୍ ସାହେବ ଓ ଜଣେ ସମ୍ପୂର୍ଣ୍ଣ ଓ୍ୱକଫେନୌ ଇଂଜିନିୟର । ଆମର ଓ୍ୱାକ୍‌ଫେ ଜିନ୍ଦଗି ଫାତେହ୍ ମଧ୍ଯ ନିରୀକ୍ଷଣ କରୁଥିଲେ । କିଛି ଟା ଦୋଷଦୁର୍ବଳତା ରହିଯାଇଥିବ କିନ୍ତୁ ସେ ଯାହା ହେଉ ମୋଟାମୋଟି ଭାବେ ନିରୀକ୍ଷଣ କରାଯାଇଛି ଓ ଏ ପର୍ଯ୍ୟନ୍ତ କାର୍ଯ୍ୟ କରାଉଛନ୍ତି । ଏତଦ୍‌ବ୍ୟତିତ ଏଠାରେ ଯେଉଁ ଭଲ୍ୟୁଟିଂଅର କମିଟି ସଦସ୍ୟମାନେ ଅଛନ୍ତି ସେମାନେ ନିଜର ସମୟ ଦେଉଥିଲେ ଓ ମେମ୍ବର ମଧ୍ଯ ଥିଲେ ଯେପରି ଚୌଧୁରୀ ଜହିର୍ ସାହେବ ସେ ବହୁତ ଭଲ କାମ କରିଛନ୍ତି । ଅଲ୍ଲାଃ ତାଲା ତାଙ୍କୁ ଏହାର ପ୍ରତିବଦଳ ପ୍ରଦାନ କରନ୍ତୁ । ସେ ନିଜ୍ୱସ ଆଗ୍ରହ ସହିତ ଓ ନିଜର ଅଭିଜ୍ଞତା ଦ୍ୱାରା ବହୁତ ଗୁଡ଼ିଏ କାମକୁ ସୁଧାରିଛନ୍ତି । ହଜୁର ଅ:ବ:ଅ ମସଜିଦର ନିର୍ମାଣ ଓ ସାଜସଜ୍ଜା ଆଦି କାର୍ଯ୍ୟରେ ପ୍ରତ୍ୟେକ୍ଷ ରୂପେ ସେବା କରିଥିବା ଜମାଅତର ଲୋକମାନଙ୍କ ପାଇଁ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା

କଲେ ଏବଂ କହିଲେ ଯେ, ଅଲ୍ଲାହ ତାଲା ସେମାନଙ୍କୁ ପ୍ରତ୍ୟୁପକାର ପ୍ରଦନା କରନ୍ତୁ ।

ପୁନଶ୍ଚ କହିଲେ ଯେ, ଏହି ଯୋଜନା ପାଇଁ ଲୋକମାନଙ୍କୁ କୌଣସି ଉତ୍ସାହିତ ବା ପ୍ରବର୍ତ୍ତାଯାଇ ନ ଥିଲା । କିନ୍ତୁ ଏକ ବ୍ୟାପକ ଯୋଜନା ରହିଥିଲା । ଏଥିସହ ଅନ୍ୟ ରାଷ୍ଟ୍ରରେ ମଧ୍ୟ ଯୋଜନା ଚାଲିଥିଲା । ବେଳେବେଳେ ମୋତେ ଏହା ଭୟ ଲାଗୁଥିଲା ଏବଂ ମୁଁ ଚିନ୍ତିତ ଥିଲି ଯେ, ଏହି ଯୋଜନାଟି ସ୍ଥଗିତ ନ ହୋଇଯାଉ । କିନ୍ତୁ ଅଲ୍ଲାଃ ତାଲା ନିଜର କୃପା କରିଦେଉଥିଲେ ଏବଂ ସମସ୍ତ ଯୋଜନା ସଂପୁର୍ଣ୍ଣ ହୋଇ ଯାଉଥିଲା । ସୁତରାଂ ଆମେ ଯେପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ଠାରୁ କୃପା ଭିକ୍ଷା କରୁଥିବୁ ସେ ପର୍ଯ୍ୟନ୍ତ ଅଲ୍ଲାଃ ତାଲା ନିଜର କୃପା ଆମମାନଙ୍କ ଉପରେ ଅବତୀର୍ଣ୍ଣ କରି ଚାଲୁଥିବେ । ଆମେ ତାଙ୍କ ଆଦେଶ ପାଳନ କରିବା ଫଳରେ ସେ ଆମ ଉପରେ ପ୍ରସନ୍ନ ହୋଇ ନିଜର କୃପା କରି ଚାଲୁଥିବେ । ଅଲ୍ଲାଃ ତାଲା ଆମମାନଙ୍କୁ ଏପରି କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହଜୁର ଅନଓ୍ଵର ଅ:ବ:ଅ କହିଲେ ଯେ, ସାଧାରଣରୂପେ ଅଲ୍ଲାଃ ତାଲା ଜମାଅତକୁ ଯେଉଁ ଅର୍ଥ ବଳିଦାନ କରିବା ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେହି ତ୍ୟାଗ ଯୋଗୁଁ ଆଜି ସମସ୍ତ ଯୋଜନା ସାକାର ହୋଇପାରିଛି ଏବଂ ଆଗାମୀ ମଧ୍ୟ ସାକାର ହେବ । ଇନ୍‌ଶାଅଲ୍ଲାଃ । ଅଲ୍ଲାଃ ତାଲା ଜମାଅତର ପ୍ରତ୍ୟେକ ବର୍ଗଙ୍କର ଆର୍ଥିକ ସାମର୍ଥ୍ୟକୁ ସୁଦୃଢ଼ ଓ ସ୍ୱଚ୍ଛଳ କରି ଚାଲନ୍ତୁ । ଏହି ଦୃଷ୍ଟିକୋଣରୁ ମୁଁ ଏହା କହିପାରିବି ଯେ, ଏହି ଯୋଜନାଗୁଡ଼ିକ ବିନା କୌଣସି ତେହରିକ୍ ଦ୍ୱାରା ସମ୍ଭବପର ହୋଇପାରିଛି । କାରଣ ସାମାନ୍ୟରୂପରେ କହିବାକୁ ଗଲେ ଜମାଅତର ସାମୂହିକ ବଜେଟ୍ ବା ଅଟକଳର ଅଧିକାଂଶ ଭାଗ ଜମାଅତୀୟ ବଜେଟ୍ ଅନ୍ତର୍ଭୁକ୍ତ ଅଟେ । ତେଣୁ ଏଥିରେ ପୃଥିବୀର ସମସ୍ତ ଅହମଦିୟା ଜମାଅତ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ଏଥିରେ କୌଣସି ବିଶେଷତା ନାହିଁ କି କେଉଁ ଜମାଅତ ଅଧିକ ଦେଇଛି ବା କିଏ କମ୍ । ଅଲ୍ଲାଃ ତାଲା ସମସ୍ତଙ୍କୁ ଏହାର ପ୍ରତିଫଳ ବା ସୁଫଳ ପ୍ରଦନା କରି ସେମାନଙ୍କ ଧନଜୀବନରେ ଅସାଧାରଣ ବରକତ୍ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

## ୨୪ ମଇ ୨୦୧୯ ଖୁତବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ ଟଲଫୋର୍ଡ଼

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ଵର ଅ.ବ ନିମ୍ନୋକ୍ତ ପବିତ୍ର କୁରଆନର ପଙ୍‌କ୍ତି ପାଠ କରି ତାହାର ଅନୁବାଦ ଉପସ୍ଥାପନ କଲେ- **ଇନ୍ନମା କାନା କୌଲଲ୍ ମୁମିନିନା ଇଜା ଦୁଉ ଇଲ୍ଲାହି ଓ୍ଵର୍‌ସୁଲିହି ଲିୟହ୍‌କୁମା ଅଇଁୟକୁଲୁ ସମିନା ଓ୍ଵଆତିନା । ଓ୍ଵଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍ ଓ୍ଵମଇଁ ୟୁତିଇଲ୍ଲାହା ଓ୍ଵରସୁଲହୁ ଓ୍ଵୟଖ୍‌ଶଲ୍ଲାହା ଓ୍ଵୟତ୍‌ତକ୍‌ହି ଫଉଲାଇକା ହୁମୁଲ୍ ଫାଇଜୁନ୍ । ଓ୍ଵଅକ୍‌ସମୁ ବିଲ୍ଲାହି ଜହ୍‌ଦା ଐମାନିହିମ୍ ଲଇନ୍ ଅମର୍‌ତହୁମ୍ ଲ୍ୟଖ୍‌ରୁଜୁନ୍ । କୁଲ୍‌ଲା ତୁକ୍‌ସିମୁ ମାରୁଫା ଇନ୍ନଲ୍ଲାହା ଖବିରୁମ୍ ବିମା ତାମଲୁନ୍ । କୁଲ୍ ଅତିଉଲ୍ଲାହା ଓ୍ଵର୍‌ରସୁଲ ଫଇନ୍ ତଓ୍ଵଲ୍‌ଲଔ ଫଇନ୍ନମା ଅଲୈହି ମା ହୁମ୍ମିଲା ଓ୍ଵଅଲୈକୁମ୍ ମା ହୁମ୍ମିଲ୍‌ତୁମ୍ । ଓ୍ଵଇନ୍ ତୁତିଉହୁ ତହ୍‌ତଦୁ । ଓ୍ଵମା ଅଲର୍ ରସୁଲି ଇଲ୍ଲବଲାଗୁଲ୍ ମୁବିନ୍ । ଓ୍ଵାଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ଓ୍ଵଆମିଲୁସ୍ ସାଲିହାତି ଲୟସ୍‌ତଖ୍‌ଲିଫନ୍‌ନହୁମ୍ ଫିଲ୍ ଅରଜେ କମସ୍‌ତଖ୍‌ଲଫଲ୍ ଲଜିନା ମିନ୍ କବ୍‌ଲିହିମ୍ । ଓ୍ଵଲୟୁମକ୍କିନ୍ନା ଲହୁମ୍ ଦିନହୁମ୍ ଲଜିରତଜା ଲହୁମ୍ ଓ୍ଵଲୟୁବଦ୍ ଦିଲନ୍ନହୁମ୍ ମିମ୍ ବାଦି ଖୌଫିହିମ୍ ଅମ୍‌ନା । ୟାବୁଦୁନନି ଲାୟୁଶ୍‌ରିକୁନା ବି ଶୈଆ । ଓ୍ଵମନ୍ କଫରା ବାଦା ଜାଲିକା ଫାଉଲାଇକା ହୁମୁଲ୍ ଫାସିକୁନ୍ । ଓ୍ଵଅକିମୁସ୍ ସଲାତା ଓ୍ଵଆତୁଜ୍ ଜକାତା ଓ୍ଵଅତିଉର ରସୁଲା ଲଅଲ୍ଲକୁମ୍ ତୁରଜଉନ୍ । ଲା ତହ୍‌ସବନ୍ନଲ୍ ଲଜିନା କଫରୁ ମୁଉ୍ ଜିଯିନା ଫିଲ୍‌ଅରଜେ । ଓ୍ଵମାଓ୍ଵହୁମୁନ୍‌ନାରୁ ଓ୍ଵଲାବିସଲ୍ ମସିର୍ (ସୁରେ ନୁର୍- ୫୨ରୁ ୫୮)** ହଜୁର ଅନଓ୍ଵର ଅ.ବ କହିଲେ ଉପରୋକ୍ତ ପଙ୍‌କ୍ତି ଯାହାକି ମୁଁ ବର୍ତମାନ ପାଠ କଲି ତାହା ସୁରେ ନୁର ଅର୍ଥାତ ଆୟତ ଇସତେଖଲାଫ ଅର୍ଥାତ ଯେଉଁ ଥିରେ ଅଲ୍ଲାଃତାଲା ମୋମିନ୍‌ମାନଙ୍କ ମଧ୍ୟରେ ଖିଲାଫତ୍‌ର ସୁବ୍ୟବସ୍ଥା ପ୍ରଚଳନ କରିବାର ଅଙ୍ଗୀକାର ପ୍ରଦାନ କରିଛନ୍ତି ଉକ୍ତ ଆୟତର ପୂର୍ବ ଓ ପର ଆୟତ ମୁଁ ପାଠ କଲି ଏବଂ ଉକ୍ତ ସମସ୍ତ ପଙ୍‌କ୍ତିରେ ଅଲ୍ଲାଃ ଓ ତାଙ୍କ ରସହୁଲଙ୍କର ଆଜ୍ଞା ପାଳନ ଓ ତାଙ୍କ ଆଦେଶ ମୁତାବକ ଅମଳ କରିବା ପ୍ରତି ଧ୍ୟାନ ଆକର୍ଷିତ କରଯାଇଛି । ଯଦି ଏପରି ଆଜ୍ଞାକାରୀ ହେବ ତେବେ ଅଲ୍ଲାଃ ଖିଲାଫତ୍‌ର ଯେଉଁ ପୁରସ୍କାର ପ୍ରଦାନ କରିବାର ପ୍ରତିଶୃତି କରିଛନ୍ତି ତାହା ପୂରଣ କରିବେ ଏବଂ ଅଲ୍ଲାଃ (ତୁମ) ଭୟପ୍ରଦ ଅବସ୍ଥାକୁ ଶାନ୍ତିପ୍ରଦ (ଅବସ୍ଥା)ରେ ରୂପାନ୍ତରିତ କରିଦେବେ ଏବଂ ଶତ୍ରୁମାନଙ୍କୁ ସେମାନଙ୍କ ପରିଣାମ ନିକଟରେ ପହଂଚାଇ ଦେବେ । ଉକ୍ତ ପଙ୍‌କ୍ତିର ଅନୁବାଦ ଏପରି ଅଟେ- ଯେତେବେଳେ ବିଶ୍ୱାସକାରୀମାନଙ୍କୁ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ନିକଟକୁ ସେମାନଙ୍କ ମଧ୍ୟରେ ନିଷ୍ପତି କରାଯିବା ପାଇଁ ଡ଼କାଯାଏ, ସେତେବେଳେ ସେମାନେ ଉତର ଦିଅନ୍ତି, "ଆମେମାନେ ଶୁଣିଲୁ ଓ ଆଜ୍ଞା ପାଳନ କଲୁ" ଏବଂ ସେମାନେ ହିଁ କୃତକାର୍ଯ୍ୟ ହୁଅନ୍ତି । ଯେଉଁମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳନ କରନ୍ତି ଓ ଅଲ୍ଲାଃଙ୍କୁ ଭୟ କରନ୍ତି ଓ ତାହାଙ୍କ ଧର୍ମନିଷ୍ଠତା ଅବଲମ୍ବନ କରନ୍ତି ସେମାନେ ହିଁ ସଫଳ ମନୋରଥ ହୁଅନ୍ତି । ସେମାନେ ଅଲ୍ଲାଃଙ୍କ ନାମରେ ଦୃଢ ଶପଥ କରନ୍ତି ଯେ, ଯଦି ତୁମ୍ଭେ ସେମାନଙ୍କୁ ଆଦେଶ ଦେବ ତେବେ ସେମାନେ ନିଶ୍ଚିତ ନିଜ ଗୃହରୁ ତତକ୍ଷଣାତ୍ ବାହରି ଆସିବେ କୁହ ଶପଥ କର ନାହିଁ । ଯେଉଁ ଆନୁଗତ୍ୟ ସାର୍ବଜନିକ ଆନୁଗତ୍ୟ ଭାବେ ପରିଚିତ ତାହାର ପାଳନ କର । ଆମ୍ଭେ ତୁମମାନଙ୍କୁ ଆଦେଶ କରୁଅଛୁ କି ତୁମେମାନେ ଯାହା କରୁଅଛ ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି । ତୁମ୍ଭେ କୁହ ! ଅଲ୍ଲାଃଙ୍କ ଆଜ୍ଞା ପାଳନ କର ଓ ତାହାଙ୍କ ରସୁଲଙ୍କର ମଧ୍ୟ ଯଦି ସେମାନେ ବିମୁଖଗାମୀ ହୁଅନ୍ତି ତେବେ ରସୁଲଙ୍କ ଉପରେ କେବଳ ସେହି ଦାୟିତ୍ୱ ଅଛି ଯାହା ତାହାଙ୍କ ଉପରେ ନ୍ୟସ୍ତ କରାଯାଇଛି ଏବଂ ତୁମମାନଙ୍କ ଉପରେ ସେହି ଦାୟିତ୍ୱ ଅଛି ଯାହା ତୁମମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ଯଦି ତୁମେମାନେ ତାଙ୍କର ଆଜ୍ଞାପାଳନ କରିବ ତେବେ ସତ୍‌ପଥ ପ୍ରାପ୍ତ ହେବ ଏବଂ ରସୁଲଙ୍କର ଦାୟିତ୍ୱ କେବଳ ବାର୍ତାକୁ ଭଲ ଭାବରେ ପହଂଚାଇ ଦେବା ଅଟେ । ତୁମମାନଙ୍କ ମଧ୍ୟରେ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସମୁଚିତ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ । ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ । ତୁମେମାନେ ସମସ୍ତେ ସୁଚାରୁରୂପେ ନମାଜ ପାଠ କର ଓ ଜକାତ ଦିଅ ଓ ଏହି ରସୁଲଙ୍କର ଆଜ୍ଞା ପାଳନ କର ଯେପରି ତୁମମାନଙ୍କ ପ୍ରତି କରୁଣା କରାଯିବ ଏବଂ ହେ ଲୋକମାନେ କଦାପି ଧାରଣା କର ନାହିଁ ଯେ, ଅବିଶ୍ୱାସକାରୀମାନେ ପୃଥିବୀରେ ଆମ୍ଭଙ୍କୁ ଆମ୍ଭ ଯୋଜନାରୁ ବିଫଳ କରିଦେବେ ଏବଂ ସେମାନଙ୍କର ବାସସ୍ଥାନ ନର୍କ ଅଟେ ଏବଂ ତାହା ଅତ୍ୟନ୍ତ ମନ୍ଦ ବାସସ୍ଥାନ ।

ଅତଏବ ଅଲ୍ଲାଃତାଲା ପ୍ରତ୍ୟେକ କଥା ବେଶ୍ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରିଦେଇଛନ୍ତି କି ତୁମେ ମୋମିନ୍ ଓ ବିଶ୍ୱାସକାରୀ ହେବାର ଶହସ୍ର ଘୋଷଣା କର ନା କହିଁକି କିନ୍ତୁ ଯେପର୍ଯ୍ୟନ୍ତ ପ୍ରତ୍ୟେକ ପରୀକ୍ଷାରେ ଦୃଢତାର ସହ ଅଲ୍ଲାଃ ଓ ରସୁଲଙ୍କ ଆଦେଶ ସହୃଦୟେ ଓ ପୂର୍ଣ୍ଣ ବିଶ୍ୱାସର ସହ ପାଳନ କରିବ ନାହିଁ, ସଫଳତା କଦାପି ହାସଲ ହେବ ନାହିଁ । ଅତଃ ବାସ୍ତବିକ ସଫଳତା ହାସଲ କରିବା ଓ ନିଜ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କର ପୂର୍ଣ୍ଣ ଆଜ୍ଞାବହ ହେବା ଜରୁରୀ । ଯଦି ଆମେ ନିଜର ଆତ୍ମସମିକ୍ଷା କରୁ ତେବେ ଅଧିକାଂଶ ସ୍ଥଳେ ଏହା ଦୃଶ୍ୟମାନ ହେବ କି ଆଜ୍ଞାବହତାର ସେପରି ସ୍ତର ନାହିଁ ଯେପରି ହେବା ଉଚିତ୍ । ଉପରୋକ୍ତ ପଙ୍‌କ୍ତିରେ ବାରମ୍ବାର ଆଜ୍ଞା ପାଳନ କରିବାର ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହା ଖିଲାଫତ୍ ବ୍ୟବସ୍ଥାକୁ ପ୍ରଚଳିତ ରଖିବାର ପ୍ରତିଶୃତିରୁ ଆନିତ । ଯେପରି ଅଲ୍ଲାଃତାଲା କହିଛନ୍ତି କି ଖିଲାଫତ୍‌ର ବ୍ୟବସ୍ଥା ଅଲ୍ଲାଃ ଓ ରସୁଲଙ୍କ ଆଦେଶ ଓ ବ୍ୟବସ୍ଥାର ଅଂଶ ବିଶେଷ । **ସୁତରାଂ ଖଲିଫାଙ୍କ ପବିତ୍ର ମୁଖରୁ ପ୍ରସ୍ଫୁଟିତ ବଚନ ମୁତାବକ ଅମଳ କରିବା ଅଲ୍ଲାଃଙ୍କ ଆଦେଶ ମଧ୍ୟରୁ ହିଁ ଏକ ଆଦେଶ ଅଟେ ।** ହଜରତ ମହମ୍ମଦ ସ.ଅ କହିଛନ୍ତି ଯେ ମୋର ମନୋନିତ ଅମିରଙ୍କର ଆଜ୍ଞାବହ ହୋଇଥାଏ ସେ ମୋର ଆଜ୍ଞାକାରୀ ଅଟେ ଏବଂ ମୋର ଆଜ୍ଞା ପାଳନକାରୀ ଅଲ୍ଲାଃଙ୍କ ଆଜ୍ଞାକାରୀ ଅଟେ । ତେବେ ଉପସ୍ଥିତ ଖଲିଫାଙ୍କ ଆଜ୍ଞାବହ ହେବା ତ ସାଧାରଣ ଅମିରଙ୍କ ଆଜ୍ଞାବହ ହେବାଠାରୁ ବେଶ୍ ଅଧିକ ଜରୁରୀ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

### ହଦିସ୍ ନବଓ୍ଵି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ଅହେମଦୀମାନେ ପୃଥିବୀକୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଅବଗତ କରାଇବାକୁ ହେବ ଓ ଏଥିପାଇଁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ହେଉଛି ଅତ୍ୟନ୍ତ ଆବଶ୍ୟକ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୩ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahemadiya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ଵହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ଵହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Pankal (Odisha)*

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ହଜୁର ଅନଓ୍ବର ଅ:ବ:ଅଙ୍କ ନିକଟରେ ନିବେଦନ କଲି ଯେ ମୋ ମଧ୍ୟରେ ବହୁତ ଦୁର୍ବଳତା ଭରି ରହିଛି ଏଥିରେ ହଜୁର ଅନଓ୍ବର ଅ:ବ:ଅ କହିଲେ ଯେ, କୌଣସି ବ୍ୟକ୍ତି ପରଫେକ୍ଟ ହୋଇନଥାଏ କିନ୍ତୁ ମନୁଷ୍ୟକୁ ଦିନକୁ ଦିନ ଚେଷ୍ଟା କରି ନିଜକୁ ସୁଧାରିବାକୁ ପଡ଼ିଥାଏ । ସେ କହୁଛନ୍ତି ଯେ, ଅଲ୍ଲାଃ ତାଲାଙ୍କର ଏହା ବହୁତ ବଡ଼ କୃପା ଯେ ସେ ମୋତେ ଅହେମଦିୟତ ଗ୍ରହଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ ଫଳତଃ ମୋତେ ମଧ୍ୟ ଖିଲାଫତର ବୈଭବରୁ ଲାଭ ଉଠାଇବାର ମୌକା ମିଳିଲା ।

ଆଉଜଣେ ବନ୍ଧୁ ହେଉଛନ୍ତି ଖାଲିଦ୍ ଅଶ୍‌ଫାକ୍ ସାହେବ ଯିଏ ୬ମାସ ପୂର୍ବେ ପାକିସ୍ତାନରୁ ହିଜରତ୍ କରି ଆସିଥିଲେ, ସେ କିଛି ବର୍ଷ ପୂର୍ବେ ଲାହୋରଠାରେ ଅଲ୍‌ଫଜଲ୍ ଖବରକାଗଜ ଅହେମଦି ମାନଙ୍କ ଘରେ ଡ଼େଲିଭେରି କରିବା ଯୋଗୁଁ ଗିରଫତ୍‌ାର ହୋଇଥିଲେ ଫଳତଃ ୬ମାସ ସେ ଜେଲ୍‌ରେ ଅତିବାହିତ କରିଛନ୍ତି । ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ ନିଜ ଜୀବନର ପ୍ରଥମ ସାକ୍ଷାତକାରକୁ ବର୍ଣ୍ଣନା କରି ସେ କହୁଛନ୍ତି ଯେ, ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ କରାଯାଇଥିବା ଏହି ସାକ୍ଷାତକାର ହେଉଛି ମୋ ଜୀବନର ସବୁଠାରୁ ଉତମ କ୍ଷଣ । ହଜୁର ଅନଓ୍ବର ଅ:ବ:ଅ ବହୁତ ସ୍ନେହର ସହିତ ମୋ ସଙ୍ଗେ କାନ୍ଧ ମିଳାଇଲେ ଓ ବିଭୁତି ସ୍ୱରୁପ ଗୋଟିଏ ମୁଦି ମଧ୍ୟ ପ୍ରଦାନ କଲେ ।

ଆଉ ଜଣେ ବନ୍ଧୁ ମଲକ ରିଜୁଆନ୍ ଅହମଦ ସାହେବ ଯିଏ ଥାଇଲାଣ୍ଡର ଜେଲ୍‌ରେ ମଧ୍ୟ ରହି ସାରିଛନ୍ତି, ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ ତାଙ୍କର ମଧ୍ୟ ପ୍ରଥମ ସାକ୍ଷାତକାର ଥିଲା ସେ ବର୍ଣ୍ଣନା କରୁଛନ୍ତି ଯେ, ଯେବେ ଆମେ ପାକିସ୍ତାନରେ ଥିଲୁ ସେତେବେଳେ ଆମେ ଜାଣିନଥିଲୁ ଯେ ଆମେ କେବେ ନିକଟ ଭବିଷ୍ୟତରେ ଖଲିଫାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇବୁ ବୋଲି । ଆଜି ଅଲ୍ଲାଃ ତାଲା ଆମର ଏହି ୧୫ ବର୍ଷର ଇଚ୍ଛାକୁ ପୂରଣ କରିଦେଇଛନ୍ତି ।

ତାଙ୍କ ପତ୍ନୀ କହିଲେ ଯେ, ସାକ୍ଷାତକାରର ଘଟଣାକୁ ବର୍ଣ୍ଣନା କରିବା ଆମପାଇଁ କଷ୍ଟକର ଯେଉଁଭଳି ମଣିଷ ସୂର୍ଯ୍ୟଙ୍କୁ ଦେଖିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଠିକ୍ ସେହିପରି ଯେତେବେଳେ ଆମେ ହଜୁର ଅନଓ୍ବର ଅ:ବ:ଅଙ୍କ ଜ୍ୟୋତିପୂର୍ଣ୍ଣ ପବିତ୍ର ଚେହେରା ଆଡ଼କୁ ଦେଖିଥାଉଁ ସେତେବେଳେ ଆଖି ଗୁଡ଼ିକ ହଜୁର ଅନଓ୍ବର ଅ:ବ:ଅଙ୍କ ଚେହେରାରେ ଲାଗି ରହିପାରେ ନାହିଁ । ହଜୁର ଅନଓ୍ବର ଅ:ବ:ଅ ବହୁତ ସ୍ନେହର ସହିତ ମୋ ପୁତ୍ରକୁ କଲମ ମଧ୍ୟ ଉପହାର ପ୍ରଦାନ କଲେ ।

ସାକ୍ଷାତକାରର ଏହି ପ୍ରେଗ୍ରାମ ୮.୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ବର ଅ:ବ:ଅ ମସଜିଦ୍ ଭିତରକୁ ଚାଲି୍ଗଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ) ଅନୁଷ୍ଠିତ ହେବାର ଥିଲା ।

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ହଜୁର ଅନଓ୍ବର ଅ:ବ:ଅ ନିମ୍ନଲିଖିତ ୩୧ଜଣ ପୁଅ ଓ ଝିଅ ପିଲାଙ୍କଠାରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଫାତେହ୍ ଅହେମେଦ୍ ନୁନ୍, ତାହେର ଲୈକ, ତମ୍‌ସିଲ୍ ମଲକ୍, ସୟତ ଇକାନ ଅହେମଦ, ଜୌହିବ ଅହେମଦ୍, ସାକିବ୍ ମେହମୁଦ୍ ଖାନ୍, ଅୟାନ୍ ଅହେମଦ ଅୟାଜ୍, ଜଇମ୍ ଓ୍ବହିଦ୍, ମୁଆଜ୍ ରାଶିଦ୍ କରନ୍, ଦାନିଶ୍ ଅଜିଜ୍ ଭଟ୍ଟି ଏବଂ ଅୟାନ୍ ଅହେମଦ୍ ନସିର୍ ।

ଅଜିଜାଃ ମେହରୁଶ୍ ରହିମ୍, ମେହର୍ ରହିମ୍, ଅୟାନ୍ ମଲକ୍, ଅରହମ୍ ଫାରୁକ୍, ହୁଦାଖାନ୍, ସମିହା ତାରିକ୍, ହିବତୁଲ୍ ହଇ ମିଶ୍‌କାତ୍, Rodiyallah Oresanya , ୟସ୍‌ରା ବୁଶ୍‌ରା ଶେଖ୍, ସୟଦା ସବିକା କାମରାନ୍, ଯୌହା ପାଲ୍, ଅଜକା ମୁବଶିର୍, ଆଇଶା ନଓ୍ବିଦ୍, Mantara Rehan Moda , ଜଇନବ୍ ମରିୟମ୍ ମଲକ୍, ଆସ୍‌ଫା ମୁରତଜା ମଲକ, ଖଦିଜା ଖାନ୍, ସାଇରା ବୁଶ୍‌ରା ଭଟ୍ଟି, ଆସ୍‌ଫା ବୁଶ୍‌ରା ଖାନ୍ ଏବଂ ମାରିୟା ହୁସ୍‌ନା କୌସର୍ ।

ତକରିବେ ଆମିନ ପରେ ହଜୁର ଅନଓ୍ବର ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇସା ଯମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ବର ଅ:ବ:ଅ ଲଜ୍‌ନା ହଲ୍ ଏବଂ ତାଙ୍କ ପାଇଁ ଲଗାଯାଇଥିବା ସାମିୟାନା ଭିତରକୁ ପ୍ରବେଶ କଲେ ମହିଳାମାନେ ହଜୁର ଅନଓ୍ବର ଅ:ବ:ଅଙ୍କ ଅଚାନକ୍ ଆଗମନରେ ଅତ୍ୟନ୍ତ ଆନନ୍ଦିତ ହୋଇ ସ୍ଲୋଗାନ୍ ଲଗାଇଲେ ଓ ହଜୁର ଅନଓ୍ବର ଅ:ବ:ଅଙ୍କୁ ଦର୍ଶନ କଲେ । ଆଜି ହୋଷ୍ଟନଠାରେ ହଜୁର ଅନଓ୍ବର ଅ:ବ:ଅଙ୍କ ରହିବାର ଶେଷ ଦିବସ ଥିଲା ।

ଏହା ପରେ ହଜୁର ଅନଓ୍ବର ଅ:ବ:ଅ ନିଜ ଆବାସସ୍ଥଳିକୁ ଚାଲିଗଲେ ।

**୨୮ ଅକ୍ଟୋବର ୨୦୧୮ (ରବିବାର)**

ହଜୁର ଅନଓ୍ବର ଅ:ବ:ଅ ଭୋର ୬.୩୦ ମିନିଟରେ ମସ୍‌ଜିଦ୍ ବଇତୁସ ସମିଠାରେ ପହଂଚି ଫଜର ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ବର ଅ:ବ:ଅ ନିଜ ଆବାସସ୍ଥଳିକୁ ଚାଲିଗଲେ । ସକାଳବେଳା ହଜୁର ଦଫତରି ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟସ ଇତ୍ୟାଦି ତଦାରଖ କଲେ ଏବଂ ସେଥିରେ ନୋଟ୍‌ସ ସବୁ ଲଗାଇଲେ । ଆଜି ପ୍ରୋଗ୍ରାମ ମୁତାବକ ହୋଷ୍ଟନରୁ ଓ୍ବାଶିଂଟନ ନିମନ୍ତେ ଯାତ୍ରା କରିବାର ଥିଲା ।

**ହୋଷ୍ଟନରୁ ଓ୍ବାଶିଂଟନ ନିମନ୍ତେ ଯାତ୍ରା**

ହଜୁର ଅନଓ୍ବର ଅ:ବ:ଅ ଠିକ ସକାଳ ୧୦.୪୫ ମିନିଟରେ ନିଜ ଆବସାସ୍ଥଳୀରୁ ବାହାରକୁ ବାହାରିଲେ ଯାତ୍ରା କରିବା ପୂର୍ବରୁ ନିମ୍ନଲିଖିତ କର୍ମୀମାନଙ୍କର ଭିନ୍ନ ଭିନ୍ନ ଗ୍ରୁପଗୁଡ଼ିକ ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସିକ୍ୟୁରିଟି ଗ୍ରୁପ, ଜିୟାଫତ୍ ଟିମ୍, ଟ୍ରାନ୍‌ସପୋର୍ଟ ବିଭାଗର କର୍ମୀ ଏବଂ ଏହି ଅବସରରେ Shriff Police ରେ ଡ୍ୟୁଟି ଦେଉଥିବା ସଦସ୍ୟମାନେ ମଧ୍ୟ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଜମାତର ପୁରୁଷ ଓ ମହିଳା ମାନଙ୍କର ଗୋଟିଏ ବଡ଼ ସଂଖ୍ୟା ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବା ପାଇଁ ସକାଳୁ ମସଜିଦ୍ ବଇତୁସ ସମି ର ବ୍ୟାହ୍ୟ ପ୍ରାଙ୍ଗଣରେ ଏକାଠି ହୋଇଥିଲେ । ଛୋଟଛୋଟ ପୁଅ ଓ ଝିଅ ପିଲାମାନେ ବିଦାୟ ସମ୍ବର୍ଦ୍ଧନା ମୁଳକ ପ୍ରାର୍ଥନା ନଜମ୍ ପାଠ କରୁଥିଲେ । ହଜୁର ଅନଓ୍ବର ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ସାମୁହିକ ନୀରବ ପ୍ରାର୍ଥନା କଲେ ଏବଂ ତା'ପରେ ହୋଷ୍ଟନ ଆନ୍ତର୍ଜାତିକ ବିମାନବନ୍ଦର ନିମନ୍ତେ ଯାତ୍ରା ଆରମ୍ଭ ହେଲା ।

ହଜୁର ଅନଓ୍ବର ଅ:ବ:ଅଙ୍କ ଆଗମନ ପୂର୍ବରୁ ବୋଡ଼ିଙ୍ଗ କାର୍ଡ଼ ଅଧିଗ୍ରହଣ ଏବଂ ଜିନିଷ ପତ୍ର ବୁକିଙ୍ଗ କରିବାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇସାରିଥିଲା ।

ଠିକ୍ ୧୧ଟା ବେଳେ ହଜୁର ଅନଓ୍ବର ଅ:ବ:ଅ ବିମାନବନ୍ଦରରେ ପହଂଚିଲେ । ୟୁନାଇଟେଡ଼୍ ବିମାନବନ୍ଦରର ବରିଷ୍ଠ କର୍ମଚାରୀ ହଜୁର ଅନଓ୍ବର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁର ଅନଓ୍ବର ଅ:ବ:ଅଙ୍କୁ ଗୋଟିଏ ବିଶେଷ ପୋର୍ଟକଲ୍ ଦେଇ ସ୍ପେଶାଲ୍ ଲଂଚ ଭିତରକୁ ନେଇଗଲେ ।

୧୧.୫୦ ମିନିଟରେ ହଜୁର ଅନଓ୍ବର ଅ:ବ:ଅ ବିମାନ ଭିତରେ ପ୍ରବେଶ କଲେ ଏବଂ ଠିକ୍ ୧୨ଟା ବେଳେ ୟୁନାଇଟେଡ଼୍ ବିମାନବନ୍ଦରର ବିମାନ ନଂ U.A-1192 ହୋଷ୍ଟନର 'ଜର୍ଜବୁଶ୍ ଇଂଟର କଂଟିନେଟାଲ୍ ଏୟାରପୋର୍ଟରୁ ଓ୍ବାଶିଂଟନର ଡ଼ଲାସ୍ ଏୟାରପୋର୍ଟ ନିମନ୍ତେ ଉଡ଼ାଣ ଭରିଲା । ଉଣା ଅଧିକେ ୨.୫୦ ମିନିଟ ଯାତ୍ରା କରିବା ପରେ ଓ୍ବାଶିଂଟନ୍‌ର ସ୍ଥାନିୟ ସମୟ ମୁତାବକ ୩.୫୦ ମିନିଟ୍‌ରେ ବିମାନଟି ଡ଼ଲାସ୍ ଏୟାରପୋର୍ଟରେ ଅବତରଣ କଲା । ଓ୍ବାଶିଂଟନ୍‌ର ସମୟ ହୋଷ୍ଟନର ସମୟଠାରୁ ୧ଘଂଟା ଆଗୁଆ । ଯେବେ ହଜୁର ଅନଓ୍ବର ଅ:ବ:ଅ ବିମାନ ମଧ୍ୟରୁ ବାହାରକୁ ଆସିଲେ ସେଠାରେ ମୁକରମ୍ ଡ଼ାକ୍ତର ନସିମ୍ ରହେମୁତଲାଃ ସାହେବ ନାଏବ୍ ଅମିର୍ ୟୁଏସ୍‌ଏ ହଜୁର ଅନଓ୍ବର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ଏକ ବିଶେଷ ପୋର୍ଟକଲ ବ୍ୟବସ୍ଥା ଅନ୍ତର୍ଗତ ହଜୁର ଅନଓ୍ବର ଅ:ବ:ଅ ଏୟାରପୋର୍ଟରୁ ବାହାରକୁ ବାହାରିଲେ । ଏବଂ ମସଜିଦ୍ ବଇତୁର ରହମାନ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା ପାଖାପାଖି ୫୦ ମିନିଟ୍ ଯାତ୍ରା କରିବା ପରେ ଠିକ୍ ୫.୨୦ ମିନିଟ୍‌ରେ ହଜୁର ଅନଓ୍ବର ଅ:ବ:ଅ ମସଜିଦ୍ ବଇତୁର ରହମାନ୍ ରେ ପହଂଚିଗଲେ । ହଜୁର ଅନଓ୍ବର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଓ୍ବାଶିଂଟନ୍‌ର ସ୍ଥାନିୟ ଜମାତ ଗୁଡ଼ିକ ବ୍ୟତିତ କିଛି ଦୂରଦୂରାନ୍ତର ଥିବା ଜମାତଗୁଡ଼ିକରୁ ଆସିଥିବା ବହୁ ସଂଖ୍ୟକ ପୁରୁଷ ମହିଳା ସଦସ୍ୟମାନେ ଏକତ୍ରିତ ହୋଇଥିଲେ । ଡ଼େଟ୍ରାଇଟ୍, ଲସ୍‌ଏଞ୍ଜଲ୍‌ସ, ଚିକାଗୋ, ମଲଓ୍ବାକି, ଆଟାଲାଟାଂ, ଡ଼ଲାସ୍, କନେକ୍ଟିକଟ୍, ସ୍ୟାଟଲ୍, ସେଟଂଲୁଇସ୍, ମିଆମି, ବେ ପଂଏଟ୍, ମିନିସ୍ୟୁଟା, ଅରକାନ୍‌ସାସ୍, ହଓ୍ବାଇ, ନ୍ୟୁୟର୍କ ଏବଂ ରୋଚିସ୍ଟରରୁ ଆସିଥିବା ଜମାତ୍‌ର ସଦସ୍ୟମାନେ ବହୁତ ଲମ୍ବା ଯାତ୍ରା କରି ଏଠାରେ ପହଂଚିଥିଲେ ।

ଯେଉଁ କ୍ଷଣି ହଜୁର ଅନଓ୍ବର ଅ:ବ:ଅଙ୍କ ଗାଡ଼ି ମସ୍‌ଜିଦ୍ ବଇତୁର ରହମାନ୍‌ର ପ୍ରାଙ୍ଗଣରେ ପ୍ରବେଶ ହେଲା ଜମାତ୍‌ର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ ଓ ସ୍ଲୋଗାନ୍ ମଧ୍ୟ ଦେଲେ । ମହିଳାମାନେ ଦର୍ଶନ କଲେ । ଛୋଟଛୋଟ ଝିଅମାନେ ଆଗମନ ମୁଳକ ସମ୍ବର୍ଦ୍ଧନା ଗିତ ଉପସ୍ଥାପନ କଲେ । ହଜୁର ଅନଓ୍ବର ଅ:ବ:ଅ ସେମାନଙ୍କ ମଧ୍ୟରେ ଚାଲିଚାଲି ନିଜ ଆବସାସ୍ଥଳିରେ ପହଂଚିଲେ ।

ଏହାପରେ ଠିକ୍ ୫.୪୦ ମିନିଟ୍‌ରେ ହଜୁର ଅନଓ୍ବର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନ୍‌ରେ ପହଂଚି ଜୋହର୍ ଏବଂ ଅସର୍ ନମାଜ୍ ଯମାକରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ବର ଅ:ବ:ଅ ନିଜ ଆବାସସ୍ଥଳିକୁ ଚାଲିଗଲେ । ଏହାପରେ ପ୍ରୋଗ୍ରାମ ମୁତାବକ ଠିକ୍ ୮.୦୦ରେ ମସ୍‌ଜିଦ୍ ବଇତୁସ ରହମାନରେ ପହଂଚି ମଗ୍‌ରି ଏବଂ ଇଶା ନମାଜ୍ ଯମା କରି ପଢ଼ାଇଲେ । ତା'ପରେ ହଜୁର ଅନଓ୍ବର ଅ:ବ:ଅ ନିଜ ଆବସାସ୍ଥଳୀକୁ ଚାଲିଗଲେ ।

**୨୯ ଅକ୍ଟୋବର ୨୦୧୮ (ସୋମବାର)**

ହଜୁର ଅନଓ୍ବର ଅ:ବ:ଅ ଭୋର ୬.୩୦ ରେ ମସଜିଦ୍ ବଇତୁର ରହମାନରେ ପର୍ଦାପଣ କରି ଫଜର ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ବର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର ଅନଓ୍ବର ଅ:ବ:ଅ ଦଫତରି ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟସ ଇତ୍ୟାଦି ନିରିକ୍ଷଣ କଲେ ଓ ସେଥିରେ ହିଦାୟତ ପ୍ରଦାନ କଲେ । ହଜୁର ଅନଓ୍ବର ଅ:ବ:ଅଙ୍କ ଗୋଚରେ ସମଗ୍ର ଆମେରିକାର ବିଭିନ୍ନ ଜମାତଗୁଡ଼ିକରୁ ଆସିଥିବା ଚିଠି ବ୍ୟତିତ ପୃଥିବୀର ବିଭିନ୍ନ ଜମାତଗୁଡ଼ିକରୁ ମଧ୍ୟ ଚିଠି ପତ୍ର ଓ ରିପୋର୍ଟସ ଇତ୍ୟାଦି ଫ୍ୟାକ୍ସ ଓ ଇମେଲ ଦ୍ୱାରା ପ୍ରାପ୍ତ ହୋଇଥାଏ ଏବଂ ହଜୁର ଅନଓ୍ବର ଅ:ବ:ଅ ପ୍ରତ୍ୟେକ ଦିନ ସଙ୍ଗେସଙ୍ଗେ ରିପୋର୍ଟସ ଓ ଚିଠି ପତ୍ର ଗୁଡ଼ିକୁ ନିରିକ୍ଷଣ କରନ୍ତି ଓ ସେଥିରେ ଟିପ୍ପଣୀ ଦିଅନ୍ତି ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ବର ଅ:ବ:ଅ ୧୧.୧୫ ରେ ନିଜ ଦଫତରକୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା ।

ଆଜି ସକାଳର ଏହି ସେସନରେ ୬୨ ଟି ଫ୍ୟାମିଲିର ୨୯୪ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ୭୬ ଜଣ ସଦସ୍ୟ ବ୍ୟକ୍ତିଗତ ରୂପେ ସାକ୍ଷାତକାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତକାର କରିଥିବା ଏହି ଫ୍ୟାମିଲି ଗୁଡ଼ିକ ଆମେରିକାର ଭିନ୍ନ ଭିନ୍ନ ୧୮ଗୋଟି ଜମାତରୁ ଆସିଥିଲେ । ବିଶେଷ ରୂପେ କାନ୍‌ସାସ ସିଟି ଜମାତରୁ ଆସିଥିବା ଲୋକେ ୧୦୯୫ ମାଇଲ ର ଯାତ୍ରାକୁ ୧୭ ଘଂଟାରେ ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ସାକ୍ଷାତକାର କରିଥିବା ସମସ୍ତ ସଦସ୍ୟ ଓ ଫ୍ୟାମିଲିଗୁଡ଼ିକ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର ଅନଓ୍ବର ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅ ମାନଙ୍କୁ ସ୍ନେହର ସହିତ ଚକଲେଟ୍ ପ୍ରଦାନ କଲେ ।

**ସାକ୍ଷାତକାର କରିଥିବା ଲୋକମାନଙ୍କର ମନୋଭାବ**

ମୁହମ୍ମଦ ଗୋରାୟା ସାହେବ ଯାହାଙ୍କ ସମ୍ବନ୍ଧ ଜଣେ ସହୀଦ ଅହେମଦି ଖାନ୍‌ଦାନ ସହିତ ରହିଛି, ସେ ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ ନିଜର ପ୍ରଥମ ସାକ୍ଷାତକାର ବିଷୟରେ ବର୍ଣ୍ଣନା କରି କହୁଛନ୍ତି ଯେ, ମୁଁ ନେପାଳରେ ୧୦ ବର୍ଷ ବିତାଇଛି ଓ ମୋ ଭାଇ ପାକିସ୍ତାନରେ ଶହୀଦ ହୋଇଥିଲେ । ମୁଁ ୨୦୧୪ ମସିହାରେ ଆମେରିକା ଆସିଥିଲି ଆଜିର ଦିନଟି ମୋ ପାଇଁ ବାସ୍ତବିକ ଇଦ୍‌ର

ଦିନ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପାଇଁ ମୋର ଆନ୍ତରିକ ଇଚ୍ଛା ଥିଲା ଯାହା ଆଜି ପୂରଣ ହୋଇଯାଇଛି । ଅଲହମ୍‌ଦୁଲିଲ୍ଲାଃ

ଆଉ ଜଣେ ବନ୍ଧୁ ମୁହମ୍ମଦ ମୁସ୍ତଫା ସାହେବ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ସମୟରେ ନିଜର ଆବେଗ ଓ ଭାବନା ଉପରେ କାବୁ ରଖିପାରିଲି ନାହିଁ ଓ କାନ୍ଦିବାକୁ ଲାଗିଲି ଫଳତଃ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଅଧିକ କଥା ହୋଇପାରିଲି ନାହିଁ । ହଜୁର ଅନଓ୍ୱର ଅ:ବ:ଅଙ୍କ ଆମ ଗହଣରେ ଉପସ୍ଥିତି ଆମ ପାଇଁ ଆମ ନିଜର ଇସଲାହ୍ ନିମନ୍ତେ ବହୁତ ଉତମ ଅବସର ଅଟେ ।

ଜୁଲ୍‌କର୍‌ନୈନ୍ ସାହେବ୍ ଯିଏ ନିଜ ଫ୍ୟାମିଲି ସହିତ ହେରେସ୍‌ବର୍ଗରୁ ସାକ୍ଷାତ କରିବା ପାଇଁ ଏଠାରେ ପହଂଚିଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ଆମକୁ ଏପରି ଅନୁଭବ ହେଉଥିଲା ଯେପରି ଆମେ ଗୋଟିଏ ଈଶ୍ୱରଙ୍କ ଶିଙ୍ଘ ସମ୍ମୁଖରେ ଛିଡ଼ା ହୋଇଛୁ । ମୋ ନିକଟରେ କହିବା ପାଇଁ କୌଣସି ଶବ୍ଦ ନଥିଲା । ଏ କଥା ଆମ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା ଯେ ହଜୁର ଅନଓ୍ୱର ଅ:ବ:ଅ ମୋ ପିଲାମାନଙ୍କର ବୟସ ସମ୍ପୁର୍ଣ୍ଣ ସଠିକ୍ ଲଗାଇଲେ ।

ଅମତୁଲ୍ ମତିନ୍ ସାହେବ କହୁଛନ୍ତି ଯେ, ମୋ କଥା ଗୁଡ଼ିକ ମୋ ମନଭାବକୁ ପରିପ୍ରକାଶ କରିପାରୁନାହିଁ । ମୁଁ ବହୁତ ଶାନ୍ତି ଅନୁଭବ କରୁଅଛି । ହଜୁର ଅନଓ୍ୱର ଅ:ବ:ଅ ମୋ ଦାଦାଜାନ୍ (ଜେଜେ)ଙ୍କୁ ଜାଣିଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ମୋ ଦାଦାଙ୍କର ଆଖୁ କିଆରି ଥିଲା । ମୁଁ ଯେତେବେଳେ ସେଠାକୁ ଯାଉଥିଲି ସେତେବେଳେ ସେ ଆଖୁ ଦ୍ୱାରା ଅତିଥି ସତ୍କାର କରୁଥିଲେ ଓ ତାହା ବହୁତ ଭଲ ଲାଗୁଥିଲା ।

ସାକ୍ଷାତକାର କରିଥିବା ଆଉଜଣେ ବନ୍ଧୁ ବିଲାଲ ଅହେମଦ କାହଲୁଁ ସାହେବ କହୁଛନ୍ତି ଯେ, ମୁଁ ନେପାଳରୁ ଆମେରିକା ଆସିଅଛି । ନେପାଳରେ ମୁଁ ୧୦ ବର୍ଷ ପର୍ଯ୍ୟନ୍ତ ଶରଣାର୍ଥୀ ରୂପେ ଜୀବନ ବିତାଇଛି । ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ଏହା ପ୍ରଥମ ସାକ୍ଷାତକାର ଥିଲା । ମୋ ଶବ୍ଦଗୁଡ଼ିକ ମୋ ଅବସ୍ଥାର ପ୍ରତିନିଧିତ୍ୱ କରିପାରୁନାହାନ୍ତି । ଏହି କ୍ଷଣ ଗୁଡ଼ିକ ଏତେ ସୁନ୍ଦର ଥିଲା ଯେ, ତାହା ଏବେ ସଦାସର୍ବଦା ମୋ ସ୍ମୃତି ଭିତରେ ଜିବିତ ରହିବ ।

ଆଉ ଜଣେ ବନ୍ଧୁ ଶାହିଦ୍ ଅହେମଦ୍ ଦାର୍ ସାହେବ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ପାକିସ୍ତାନରୁ ହିଜରତ୍ କରିବା ପରେ ନେପାଳରେ ୧୧ ବର୍ଷ ବିତାଇଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଶିବାର ଉତ୍କଣ୍ଠା ଓ ମନୋବାଞ୍ଛା ପ୍ରତ୍ୟେକ ଅହେମଦି ମୁସଲମାନ ମାନଙ୍କ ମଧ୍ୟରେ ରହିଛି । ଈଶ୍ୱରଙ୍କୁ ଲକ୍ଷ ଲକ୍ଷ ଧନ୍ୟବାଦ ଯେ, ଆଜି ମୋ ଜିବନର ସବୁଠାରୁ ବଡ଼ ଇଚ୍ଛା ପୂରଣ ହୋଇଛି ।

ସଫିର ଅହେମଦ ବାଜ୍‌ୱା ସାହେବ ବର୍ଣ୍ଣନା କରୁଛନ୍ତି, ଆଜି ଜିବନରେ ପ୍ରଥମ ଥର ପାଇଁ ଖଲିଫତୁଲ୍ ମସିହଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଲା । ଯେତେବେଳେ ଆମେ ସାକ୍ଷାତ କରିବା ନିମନ୍ତେ ଦଫତର ଭିତରକୁ ପ୍ରବେଶ କଲୁ ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରାରେ ଦୃଷ୍ଟି ପଡ଼ିବା କ୍ଷଣି ଆମେ ସେହି ପବିତ୍ର ଚେହେରାକୁ ଜ୍ୟୋତିରେ ପରିପୂର୍ଣ୍ଣ ହୋଇଥିବାର ପାଇଲୁ । ହଜୁର ଅନଓ୍ୱର ଅ:ବ:ଅ ଯେବେ ମୋ ସହିତ ହାତ ମିଳାଇଲେ ସେତେବେଳେ ମୁଁ ଏହି ଅବସରକୁ ଏକ ମୌକା ଜାଣି ନିଜ ପ୍ରୀୟ ଆକାଙ୍କ ପବିତ୍ର ହସ୍ତକୁ ତିନିଥର ଚୁମ୍ବନ ଦେବାର ସୌଭାଗ୍ୟ ପ୍ରାପ୍ତ କଲି ।

ହ୍ୟାରିସବର୍ଗରୁ ଆସିଥିବା ଜଣେ ବନ୍ଧୁ ଜଫରୁଲ୍ଲାଃ ଖାନ୍ ସାହେବ କହୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ଯଦିଚ କିଛି କ୍ଷଣ ମଧ୍ୟରେ ପର୍ଯ୍ୟବେସିତ ଥିଲା କିନ୍ତୁ ସଦାସର୍ବଦା ପାଇଁ ଆମ ଜିବନରେ ଏହା ଏକ ସ୍ମୃତି ହୋଇ ରହିଗଲା । ସାକ୍ଷାତକାର କରିବା ସମୟରେ ହଜୁର ଅନଓ୍ୱର ଅ:ବ:ଅ ମୋତେ ଗୋଟିଏ ଉପଦେଶ ମଧ୍ୟ ଦେଲେ । ଯେବେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜ ଚାକିରି ସମ୍ବନ୍ଧରେ ବତାଇଲି ସେତେବେଳେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଦିଆନତ୍‌ଦାରୀ (ନିଷ୍ଠା) ଏବଂ ପରିଶ୍ରମ କରି ନିଜର କାର୍ଯ୍ୟ ସମ୍ପାଦନ କର ।

ଆଉ ଜଣେ ବନ୍ଧୁ ମନଓ୍ୱର ଅହମଦ ସାହେବ ନିଜ ଫ୍ୟାମିଲି ସହିତ ସାକ୍ଷାତକାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ଆଜି ଅଲ୍ଲାଃ ତାଲା ଆମ ମନସ୍କାମନା ପୂରଣ କଲେ । ହଜୁର ଅନଓ୍ୱର ଅ:ବ:ଅ ମୋତେ ଓ ପରିବାରବର୍ଗଙ୍କୁ ଦୁଆ ପାଇଁ ଅନବରତ ଚିଠି ଲେଖିବାକୁ ତାଗିଦ୍ କଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦିଚ ଆପଣମାନଙ୍କୁ ଉତର ମଧ୍ୟ ନ ମିଳେ ତେବେ ସୁଧା ମଧ୍ୟ ଦୁଆ ନିମନ୍ତେ ଚିଠି ଲେଖିଚାଲ ।

ଏହିପରି ଆପଣମାନଙ୍କର କର୍ତବ୍ୟ ଶେଷ ହୋଇଯିବ ଓ ମୋର ଦାୟିତ୍ୱ ଆରମ୍ଭ ହେବ ।

ସାକ୍ଷାତକାର ର ଏହି ପ୍ରୋଗ୍ରାମ ଦ୍ୱିଇପ୍ରହର ୨ଟା ପର୍ଯ୍ୟନ୍ତ ଜାରି ରହିଲା ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁର ରହମାନ୍ ଠାରେ ପର୍ଦାପଣ କରି ଜୋହର ଓ ଅସର ନମାଜ ଏକାଠି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମୁବଲ୍ଲିଗିନ୍ ସିଲ୍‌ସିଲା ଆମେରିକାର ହଜୁର ଅନଓ୍ୱର ଅ:ବ:ଅ ସହିତ ସାକ୍ଷାତକାର**

ଆଜି ପ୍ରୋଗ୍ରାମ ମୁତାବକ ଆମେରିକାରେ ମୁତୟନ ଥିବା ମୁବ୍‌ଲ୍ଲିଗିନ୍ ମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ ଅନୁଷ୍ଠିତ ହେଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୬ଟା ବେଳେ ମିଟିଙ୍ଗ ରୁମ୍‌ରେ ପର୍ଦାପଣ କଲେ ।

ଏହି ମିଟିଙ୍ଗରେ ୨୯ ଜଣ ମୁବ୍‌ଲ୍ଲିଗିନ୍ ଯୋଗ ଦେଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ପ୍ରଥମେ ଦୁଆ କରାଇଲେ ଏହାପରେ ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ ଯେ, କ'ଣ ମୁବଲ୍ଲିଗିନ୍ ମାନଙ୍କର ପ୍ରତ୍ୟେକ ମାସରେ ମିଟିଙ୍ଗ ଅନୁଷ୍ଠିତ ହେଉଛି କି ? ଏଥିରେ ମୁବ୍‌ଲ୍ଲିଗିନ୍ ଇନ୍‌ଚାର୍ଜ ସାହେବ କହିଲେ ଯେ, ପ୍ରତ୍ୟେକ ମାସରେ ତ ହେଉନାହିଁ କିନ୍ତୁ ୨ମାସ ପରେ ଅନୁଷ୍ଠିତ ହେଉଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ଦେଇ କହିଲେ ଯେ, ମୁଁ ତ ପ୍ରତ୍ୟେକ ମାସରେ କରିବା ପାଇଁ କହିଛି । ଦୁଇମାସ ତ ନୁହେଁ ପ୍ରତ୍ୟେକ ମାସରେ ମିଟିଙ୍ଗ କରନ୍ତୁ ଯେଉଁ ମୁବଲ୍ଲିଗିନ୍ ମାନେ ନିକଟରେ ଅଛନ୍ତି ଅର୍ଥାତ୍ ୨, ୩ଶହ ମାଇଲ ମଧ୍ୟରେ ଅଛନ୍ତି, ସେମାନେ ଆସନ୍ତୁ । ସେମାନଙ୍କୁ ଡ଼କାଇ ପଠାଅ ଏବଂ ଯେଉଁମାନେ ଦୁରରେ ଅଛନ୍ତି ସେମାନେ ଟେଲି କନ୍‌ଫରେନ୍ସ ମାଧ୍ୟମରେ ମିଟିଙ୍ଗରେ ସାମିଲ ହୁଅନ୍ତୁ । ପୁଣି ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ ସ୍ଥାନ ପରିବର୍ତନ କରି ମିଟିଙ୍ଗ କରନ୍ତୁ ଏତଦ୍‌ଦ୍ୱାରା ପ୍ରତ୍ୟେକ ଇଲାକାର ମୁବଲ୍ଲିଗ୍ ମିଟିଙ୍ଗରେ ଯୋଗ ଦେଇ ପାରିବେ ଏବଂ ଉକ୍ତ ଇଲାକାରୁ ଦୂରରେ ଥିବା ମୁବଲ୍ଲିଗ୍ କନ୍‌ଫରେନ୍ସ କଲ୍ ମାଧ୍ୟମରେ ସାମିଲ ହୋଇ ଯାଆନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମିଟିଙ୍ଗରେ ମୁବ୍‌ଲ୍ଲିଗମାନେ ପ୍ରତ୍ୟେକ ମାସରେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ସବୁ ଆପୋଷରେ ସେୟାର ହେଉ । ସମସ୍ତେ ଜାଣନ୍ତୁ ଯେ, ତବଲିଗ୍ କରିବା ପାଇଁ କିପ୍ରକାରର ଶୈଳୀ ଆପଣାଇ ଗଲା ଓ କଣ ଫଳ ବାହାରିଲା । କେଉଁ ଶୈଳୀଟି ଅଧିକ ସଫଳ ହେଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଲାଭ ସେଠାରେ ହୋଇଥାଏ ଯେଉଁଠି ପ୍ରତ୍ୟେକ ମାସ ମିଟିଙ୍ଗ କରାଯାଏ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ମୁରବୀମାନଙ୍କୁ କହିଥିଲି ଯେ, ପ୍ରତ୍ୟୁଷରେ ତହଯୁଦ୍ ନମାଜ ପଢ଼ିବାର ଅଭ୍ୟାସ କରନ୍ତୁ । ରିପୋର୍ଟରେ ଲେଖିଦେଉଛନ୍ତି ଯେ ତହଯୁଦ୍ ପଢ଼ିଲୁ ଅଧିକାଂଶ ଏପରି କରୁଛନ୍ତି କି (ଫଜର୍) ନମାଜ ପୂର୍ବରୁ ଉଠୁଛନ୍ତି ଓ ଦୁଇ ରେକାତ୍ ନଫିଲ୍ ପଢ଼ିଦେଉଛନ୍ତି । ଏହା ତ କେବଳ ଔପଚାରିକ ମାତ୍ର, ତହଜୁଦ୍ ନୁହେଁ । ଅତି କମ୍‌ରେ ଅଧଘଂଟା ପୂର୍ବରୁ ଉଠନ୍ତୁ ଶୀତ ଦିନେ ତ ଆହୁରି ମଧ୍ୟ ଅଧିକା ସମୟ ମିଳିଯାଏ ତେଣୁ ଏଥିପ୍ରତି ଧ୍ୟାନ ଆର୍କଷଣ ହେବା ଉଚିତ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଜଣ ଜଣ କରି ସମସ୍ତ ମୁବ୍‌ଲ୍ଲିଗମାନଙ୍କଠାରୁ ସେମାନଙ୍କ ସେଂଟର ଗୁଡ଼ିକରେ ନମାଜର ଉପସ୍ଥାନ ସମ୍ବନ୍ଧରେ ପଚାରି ବୁଝିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ମସ୍‌ଜିଦରେ ନମାଜ ସମୟରେ ଉପସ୍ଥାନ ହେଉନାହିଁ ତେବେ ମସ୍‌ଜିଦ୍ ବନାଇବାର କି ଲାଭ । ହଜୁର ଅନଓ୍ୱର ଅ:ବ:ଅ ସବୁ ମୁବଲ୍ଲିଗ ମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ, ସର୍ବ ପ୍ରଥମେ ଜମାତର ଓ୍ୱହଦାଦାମାନଙ୍କୁ ଆଣିବା ଆରମ୍ଭ କରିଦିଅନ୍ତୁ ଏହି ପରି ଅତି କମ୍‌ରେ ଅନ୍‌ସାର, ଖୁଦାମ୍ ଙ୍କ ମଜଲିସ୍ ଆମେଲାକୁ ସାମିଲ କରି ୪୫, ୫୦ ର ଉପସ୍ଥାନ ତ ଗୋଟିଏ ବେଳା ନମାଜରେ ହୋଇଯିବା କଥା । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ଓ୍ୱହଦାଦାଙ୍କର ନମୁନା କାୟମ ହେବ ସେତେବେଳେ ଅନ୍ୟ ଲୋକମାନଙ୍କର ଧ୍ୟାନ ମଧ୍ୟ ଆକର୍ଷଣ ହେବ ।

ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ଯେଉଁ ଲୋକମାନେ ମସଜିଦ୍ ନିକଟରେ ରହୁଛନ୍ତି ସେମାନଙ୍କୁ ମସଜିଦ୍ ରେ ନମାଜ ପଢ଼ିବା ପାଇଁ ଆସିବା ଉଚିତ ।

ଜଣେ ମୁବଲ୍ଲିଗଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କ'ଣ ଆପଣ ନିଜ ଇଲାକାର ଯମାତ ଗୁଡ଼ିକୁ ବତାଇ ଯାଉଛନ୍ତି ବା ବିନା ସୁଚନା ଦେଇ ଯାଉଛନ୍ତି ? ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ବେଳେବେଳେ ବିନା ସୁଚନାରେ ମଧ୍ୟ ଯାଆନ୍ତୁ । ଏହା ଦ୍ୱାରା ସଠିକ୍ ନିରୀକ୍ଷଣ ମଧ୍ୟ ହୋଇଯିବ । ଜଣାପଡ଼ିଯିବ ଯେ ନମାଜରେ କ'ଣ ଉପସ୍ଥାନ ଅଛି ।

ହଜୁର ଅନଓ୍ୱର ଅ:ବ:ଅ ଆଉ ଜଣେ ମୁବ୍‌ଲ୍ଲିଗକୁ ହିଦାୟତ ଦେଇ କହିଲେ ଯେ, ଆପଣଙ୍କୁ ନିଜର ପ୍ରତ୍ୟେକ ଜମାତକୁ ପ୍ରତ୍ୟେକ ସପ୍ତାହରେ ଯିବା ପାଇଁ ଚେଷ୍ଟା କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ ମୁବଲ୍ଲିଗମାନଙ୍କୁ ହିଦାୟତ ଦେଇ କହିଲେ ଯେ, ଯୁବ ପିଢ଼ୀଙ୍କୁ ମସଜିଦ ସହିତ ଯୋଡ଼ି ଦିଅନ୍ତୁ ଯଦ୍ୱାରା ସେମାନେ ଇସ୍‌ଲାମ୍‌ର ସଠିକ ଶିକ୍ଷାକୁ ଜାଣିଯିବେ ।

ଜଣେ ମୁବଲ୍ଲିଗ ନିବେଦନ କଲେ ଯେ, ସେ ମଗ୍‌ରିବ୍ ଓ ଇଶା ନମାଜ ଜମା କରି ପଢ଼ାଉଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାଦ୍ୱାରା ଲୋକମାନେ ଏକଥା ନ ବୁଝନ୍ତୁ ଯେ, ତିନିବେଳା ନମାଜ ହୋଇଥାଏ । ପୁଣି କହିଲେ ଆପଣ ମଗ୍‌ରିବ୍ ନମାଜ୍ ଠିକ୍ ସମୟରେ ପାଠ କରନ୍ତୁ ଏବଂ ଯେତେବେଳେ ଲୋକମାନେ ପରେ ଇଶା ସମୟରେ ଆସୁଛନ୍ତି ସେମାନଙ୍କୁ କୁହନ୍ତୁ ଯେ, ଆପଣମାନେ ମଗ୍‌ରିବ୍ ନମାଜ ପଢ଼ିନିଅନ୍ତୁ । ତା'ପରେ ଆପଣ ଇଶା ନମାଜ ପଢ଼ାନ୍ତୁ ଏହାଦ୍ୱାରା ଲୋକମାନେ ଏକଥା ଜାଣିଯିବେ ଯେ ମୁବଲ୍ଲିଗ୍ ସାହେବ ନିଜ ସମୟରେ ନମାଜ ପଢ଼ି ସାରିଛନ୍ତି ଓ ନମାଜ ଗୁଡ଼ିକ ୫ବେଳା ସଠିକ୍ ସମୟରେ ପଢ଼ାଯାଉଛି । ଯେଉଁମାନେ ପଢ଼ି ନାହାନ୍ତି ସେମାନଙ୍କୁ ଏକଥା ବତାଇ ଦିଅ ଯେ, ଅଲଗା ନିଜ ନିଜର ନମାଜ ପଢ଼ି ନିଅନ୍ତୁ । ପୁଣି ତା'ପରେ ଅସର୍ ହେଉ ବା ଇଶା ନମାଜ ହେଉ, ଏହା ଏଥିପାଇଁ ଜରୁରୀ ଅଟେ ଯେ, ଯୁବକମାନଙ୍କୁ ଏ ଅନୁଭବ ହେବ କି, ନମାଜ ହେଉଛି ୫ ଟାଇମ୍, ୩ ବେଳା ନୁହେଁ । ଯଦି ପିଲାମାନେ ଓ ଯୁବକମାନେ ୩ବେଳା ନାମଜ ବୁଝୁଛନ୍ତି ତେବେ ଏହା ସେମାନଙ୍କର ଭୁଲ୍ ତରବିୟତ୍ ଯୋଗୁଁ ହେଉଅଛି । ବଡ଼ଲୋକଙ୍କୁ କୁହ ଯେ, ତୁମେ ମାନେ ନିଜର ନମୁନା ଦେଖାଅ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ଅଧିକ ଲୋକେ ଇଶା ସମୟରେ ଆସିଯାଆନ୍ତି ଯେଉଁମାନେ ସେ ପର୍ଯ୍ୟନ୍ତ ମଗ୍‌ରିବ୍ ନମାଜ୍ ପଢ଼ିନାହାନ୍ତି ତେବେ ଆପଣ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଇମାମ୍ ରୂପେ ନିୟୋଜିତ କରି ସେମାନଙ୍କୁ କହିଦିଅନ୍ତୁ ଯେ, ସେମାନେ ଅନ୍ୟ ଏକ ସ୍ଥାନରେ ଗୋଟିଏ କୋଣରେ ଛିଡ଼ା ହୋଇ ନମାଜ ପାଢ଼ି ନିଅନ୍ତୁ । ହୋଇପାରେ ଏହି ପରି ଅଳ୍ପ କିଛି ଲଜ୍ଜା ଅନୁଭବ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଲୋକମାନଙ୍କୁ ଖୁତ୍‌ବା ସହିତ ଏମ୍.ଟି.ଏ ସହିତ ଯୋଡ଼ି ଦିଅନ୍ତୁ । ଓ୍ୱହଦାଦାରମାନଙ୍କ ପଛରେ ପଡ଼ି ସେମାନଙ୍କୁ ମଧ୍ୟ ଏମ୍.ଟି.ଏ ଓ ଖୁତ୍‌ବା ସହିତ ଆଟାଚ୍ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯମାତ୍‌ର ଯେଉଁ ଲୋକମାନେ ଓ ଓ୍ୱହଦାଦାରମାନେ ମସଜିଦ୍ ନିକଟରେ ରହୁଛନ୍ତି ଓ ସେମାନଙ୍କର ଆବାସସ୍ଥଳୀ ମସଜିଦଠାରୁ ଦୁରତାରେ ନାହିଁ, ସେମାନଙ୍କୁ କୁହନ୍ତୁ ଯେ ସକାଳବେଳା ନିଜ କାମକୁ ଯିବାବେଳେ ଫଜର ନମାଜ ପଢ଼ି ଯାଆନ୍ତୁ । ଅର୍ଥାତ୍ ଘରୁ ବାହାରି କାମ ପାଇଁ ଯଦି ଯାଉଛନ୍ତି ତେବେ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଫଜର୍ ନମାଜ ମସ୍‌ଜିଦ୍‌ରେ ବାଯମାତ୍ ପଢ଼ି ଯାଆନ୍ତୁ । ଶୀତ ଦିନେ ତ ଏହା ସମ୍ଭବ ।

ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଯେ, ଯେଉଁଠାରେ ନମାଜ ସେଂଟର ତିଆରି କରାଯାଇଛି । ସେଠାରେ ଜଣକୁ ନିୟମିତ ଇମାମ୍ ରୂପେ ନିଯୋଜିତ କରିବା ଉଚିତ । ସେଠାକୁ ଆସୁଥିବା ଲୋକମାନେ ଏତଦ୍‌ଦ୍ୱାରା ଜାଣିପାରିବେ ଯେ, ଅମୁକ ବ୍ୟକ୍ତିଙ୍କୁ ଇମାମ ରୂପେ ନିଯୋଜିତ କରାଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେଉଁଠାରେ ଲୋକମାନେ ମସଜିଦ ଠାରୁ ବହୁତ ଦୂରରେ ରହୁଛନ୍ତି ସେମାନଙ୍କୁ କୌଣସି ଏକ ଘରେ ନମାଜ ସେଂଟର ବନାଇ ବା କୌଣସି ଏକ ସ୍ଥାନରେ ଏକତ୍ରିତ ହୋଇ ଜମା କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ଦେଇ କହିଲେ ଯେ, ଆପଣ ଘର ଗୁଡ଼ିକରେ ଯାହା ମଧ୍ୟ ନମାଜ ସେଂଟର କରିଛନ୍ତି ସେଠାରେ ସପ୍ତାହକ ସାତ ଦିନ ପାଂଚ ବେଳା ନମାଜ ହେବା ଉଚିତ ଓ ଅତି କମ୍‌ରେ ସାତ ଦିନ ମଗରିବ୍ ଓ ଇଶା ନମାଜ ବାଯମାତ୍ ପାଠ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଠାରେ ଏମ୍.ଟି.ଏ ଦେଖିବାର ପ୍ରଥା କମ୍ । ମୁଁ କହିଥିଲି ଯେ, ସବୁ ଘରେ ଏମ୍.ଟି.ଏ ଯୋଗେ ଜୁମା ଖୁତ୍‌ବା ନିଶ୍ଚିତରୂପେ ଟିଭିରେ ଲଗାନ୍ତୁ ଘରେ ଚଲାବୁଲା କରିବା ସମୟରେ କାନରେ ଶବ୍ଦ ପଡ଼ିଥାଏ । ଏଥିପ୍ରତି ଧ୍ୟାନ ଆକର୍ଷଣ କରିବା ଜରୁରୀ ଅଟେ । କାନରେ ଶବ୍ଦ ପଡ଼ିବା ମଧ୍ୟ ପ୍ରଭାବ ପକାଇଥାଏ । ଅତିକମରେ ପ୍ରତ୍ୟେକ ଦିନ ୧ଘଂଟା ଏମ୍.ଟି.ଏ ଦେଖିବା ପାଇଁ ଚେଷ୍ଟା କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଲୋକମାନଙ୍କୁ ନମାଜ ସହିତ ଯୋଡ଼ନ୍ତୁ ଏମ୍.ଟି.ଏ ଦ୍ୱାରା ଖିଲାଫତ୍ ସହିତ ଯୋଡ଼ନ୍ତୁ ଯଦ୍ୱାରା ବହୁତ ଗୁଡ଼ିଏ ସମସ୍ୟାର ସମାଧାନ ହୋଇଯିବ । ସେହିପରି ବହୁତ ଗୁଡ଼ିଏ ସମସ୍ୟା ସମ୍ମୁଖକୁ ମଧ୍ୟ ଚାଲିଆସିବ ।

ହଜୁର ଅନଓ୍ୱର ଅ:ବ:ଅ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବଙ୍କୁ ତବଲିଗ୍ ଯୋଜନା ବିଷୟରେ ପଚାରି ବୁଝିଲେ । ଏଥିରେ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ କହିଲେ ଯେ, ଦାଇୟାନେ ଇଲ୍ଲଲାଃ ର ସଂଖ୍ୟା ବଢ଼ାଇବାର ଯୋଜନା କରାଯାଇଛି । ଏ ପ୍ରସଙ୍ଗରେ ଚେଷ୍ଟା ଜାରି ରହିଛି ।

ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ ଯେ, ଯମାତ ଗୁଡ଼ିକ ମୁରବୀମାନଙ୍କଠାରୁ ସାହାଯ୍ୟ ନେଉଛନ୍ତି ବା ଆପଣ ନିଜ ନିଜର ପ୍ରୋଗ୍ରାମ ବନାଇଛନ୍ତି ? ମୁରବୀମାନଙ୍କର ସେକ୍ରେଟରୀ ତବଲିଗ୍ ଏବଂ ସେକ୍ରେଟରୀ ତରବିୟତ୍ ସହିତ କୋଡ଼ିନେସନ୍ ରହିଛି ? ଅତ୍‌ଫାଲ୍ ଇତ୍ୟାଦିଙ୍କ ପ୍ରୋଗ୍ରାମ ଓ କ୍ଲାସ ନିମନ୍ତେ ଆପଣଙ୍କ ସାହାଯ୍ୟ ନିଆଯାଉଛି କି ? ଲଜ୍‌ନାଙ୍କ ସହିତ କୌଣସି ପ୍ରୋଗ୍ରାମ ଅନୁଷ୍ଠିତ ହେଉଛି କି ?

ଏଥିରେ ମୁବଲ୍ଲିଗମାନେ କହିଲେ ଯେ, ଲଜ୍‌ନାଙ୍କ ସହିତ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଲଜ୍‌ନାଙ୍କ ସହିତ ଯାହା କିଛି ପ୍ରୋଗ୍ରାମ ମଧ୍ୟ ହେଉଛି ତାହା ପର୍ଦ୍ଦା ଆଢୁଆଳରେ ରହି କରିବାକୁ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନଙ୍କ ସମ୍ମୁଖକୁ ଯାହା କିଛି ତରବିୟତି ଇସୁ ଆସୁଅଛି, ଯାହା ମଧ୍ୟ ଜମାତ ସମ୍ବନ୍ଧରେ ବିଶେଷ ତରବିୟତି ଇସୁସ ଅଛି ଯାହାକୁ ନିଜ ରିପୋର୍ଟରେ ମରକଜ ପଠାଉଛନ୍ତି ସେଗୁଡ଼ିକ ଅଲଗା ଭାବେ ବର୍ଣ୍ଣନା କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଜେଲିତନ୍‌ଜିମ୍ ଜରିଆରେ ଜର୍ମାନୀରୁ ଯାଏଜା ନେଇଥିଲି ଏହାର ଲାଭ ହୋଇଥାଏ । ଏହା ଜରୁରୀ ଅଟେ ଏହା ଦ୍ୱାରା ଅନେକ ସମସ୍ୟା ଓ କଥା ସମ୍ମୁଖକୁ ଆସିଯାଇଥିଲା । ଗୋଟିଏ ସଓ୍ୱାଲ୍‌ନାମା (ପ୍ରଶ୍ନ ଚିଠା) ତିଆରି କରି ସେମାନେ ଜାଏଯା ନେଇଥିଲେ । ବିନା କୌଣସି ନାମ ନେଇ ବହୁତ ଗୁଡ଼ିଏ ଇସୁ ସାମ୍ନାକୁ ଆସିଯାଇଥିଲା । ଏହି ଇନ୍‌ଫରମେସନ୍ ଯୋଗୁଁ ମୁଁ ଜଲ୍‌ସାରେ ତିନୋଟି ତକରିର୍ କରିଥିଲି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯିଏ ନାମ ବତେଇବାକୁ ଚାହୁଁନାହାନ୍ତି ସେମାନେ ନ ବତାନ୍ତୁ କିନ୍ତୁ ଯଦି କିଛି ତରବିୟତ ଇସୁ ଅଛି ତାକୁ ନିଜ ରିପୋର୍ଟରେ ଲେଖି ପଠାଇଦିଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ସଦରମାନଙ୍କ ତରଫରୁ ସହଯୋଗ ସମ୍ବନ୍ଧରେ ପଚାରି ବୁଝିଲେ ଜଣେ ମୁବଲ୍ଲିଗ୍ କହିଲେ ଯେ, ସଦରଙ୍କ ତରଫରୁ ସହଯୋଗ କମ୍ ହେଉଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନଙ୍କୁ ଏଠି ତରବିୟତ କାର୍ଯ୍ୟ ନିମନ୍ତେ ନିଯୋଜିତ କରାଯାଇଛି, ତରବିୟତ କରିବା ହେଉଛି ଆପଣମାନଙ୍କର କାମ । ଆପଣ ବୁଦ୍ଧିମତାର ସହିତ ଲୋକମାନଙ୍କୁ ବୁଝାଇ ଚାଲିବେ ଚିଡ଼ିବେ ନାହିଁ ଏବଂ କୌଣସି ଉତର ଚିଡ଼ାପଣରେ ଦେବେ ନାହିଁ ।

କ୍ରମଶଃ........

*(ବହଓ୍ୱାଲା ଅଖ୍‌ବାର ବଦର୍ ଉର୍ଦ୍ଦୁ ୭, ୧୪ ମାର୍ଚ୍ଚ ୨୦୧୯)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ......*

ପୂର୍ଣ୍ଣ ଆଜ୍ଞାକାରୀ ହୋଇ ରହିବାକୁ ଚାହୁଁ ନଥିଲେ ଏବଂ ଏହି ଆଧ୍ୟାତ୍ମିକ ବ୍ୟବସ୍ଥାକୁ ସାଂସାରିକ ବ୍ୟବସ୍ଥା ପରି ଚଳାଇବାକୁ ଚାହୁଁଥିଲେ । ତେଣୁ ତାହାର ପରିଣାମ ମଧ୍ୟ ଦେଖି ନିଅନ୍ତୁ କ'ଣ ହେଲା ବର୍ତମାନ ସେମାନେ କେବଳ ନାମକୁ ମାତ୍ର ରହିଯାଇଛନ୍ତି, ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବ୍ୟବସ୍ଥା ସେମାନଙ୍କ ସହିତ ରହିଛି କିନ୍ତୁ ଯେ ଖିଲାଫତ୍‌ର ଛତ୍ରଛାୟା ତଳେ ଏକତ୍ରିତ ହୋଇରହିଲେ ସେମାନେ ଅଲ୍ଲାଃଙ୍କ କୃପାରୁ ୨୧୨ଗୋଟି ଦେଶରେ ସୁଦୃଢ ଭାବରେ ପ୍ରତିଷ୍ଠିତ ହୋଇଗଲେଣି ।

ସେ ଜାହା ହେଉ ଅଲ୍ଲାଃତାଲା ତ ଖିଲାଫତ୍ ମାଧ୍ୟମରେ ଜମାଅତକୁ ଉନ୍ନତି ପ୍ରଦାନ କରିଚାଲିଛନ୍ତି ଏବଂ ଜମାଅତ ନିଜର ବିସ୍ତାର ଲାଭ କରି ଚାଲିଛି । ଦୂରଦୂରାନ୍ତର ଦେଶମାନଙ୍କରେ ରହୁଥିବା ଅହମଦି ଖଲିଫାଙ୍କ ସହ ନିଜ ବିଶ୍ୱସ୍ତତା ଓ ନିଷ୍ଠାର ସମ୍ପର୍କକୁ ସୁଦୃଢ କରିବା ସହ ଏଥିରେ ଆଗକୁ ବଢି ଚାଲିଛନ୍ତି । ଅଲ୍ଲାଃତାଲା ଖିଲାଫତ୍ ଓ ଜମାଅତ ସହ ସମ୍ପର୍କ ଯୋଡୁଥିବା ଲୋକମାନଙ୍କ ମାର୍ଗ ଦର୍ଶନ କରିଚାଲିଛନ୍ତି ଏବଂ ସେମାନଙ୍କୁ ଅଲ୍ଲାଃ ଏହି ଖିଲାଫତ୍ ନିକଟକୁ ଆକର୍ଷିତ କରିଚାଲିଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଗତ ଖୁତବାରେ ମୁଁ ଏକ ଚର୍ଚ୍ଚା କରିବାକୁ ଭୁଲି ଯାଇଥିଲି କି ଯେତେବେଳେ ଏହି ମସଜିଦ୍‌ର ଭିତିପ୍ରସ୍ତର ରଖାଯାଇଥିଲା ସେତେବେଳେ ମୁଁ କାନାଡ଼ା ଗସ୍ତରେ ଥିଲି । ସେ ଜାହା ହେଉ ପୂର୍ବରୁ ମୋ ଠାରୁ ଇଟା ଦୁଆ କରାଇ ନେଇଯାଇଥିଲେ ଏବଂ ମସଜିଦ୍‌ର ଭିତିପ୍ରସ୍ତର ୧୦ଅକ୍ଟୋବର ୨୦୧୬ମସିହାରେ ଦୁଆ କରିବା ସହ ଶ୍ରୀମାନ ଉସମାନ ଚିନୀ ସାହେବ (ମୃତ) ରଖିଥିଲେ ଏବଂ ଏଭଳି ଆମେ କହିପାରିବା କି ଅଲ୍ଲାଃତାଲାଙ୍କ କୃପାରୁ ଚିନୀ ଲୋକମାନଙ୍କର ଏଥିରେ ଭାଗୀଦାର ରହିଛି । ତେଣୁ ଆମକୁ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଚିନ୍‌ରେ ମଧ୍ୟ ଇସଲାମର ଖୁବ୍ ଶିଘ୍ର ପ୍ରଚାର ପ୍ରସାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଶ୍ରୀମାନ ଉସମାନ ଚିନୀ ସାହେବଙ୍କର ପ୍ରବଳ ଇଚ୍ଛା ଥିଲା ଏବଂ ସର୍ବଦା ତାଙ୍କୁ ଏହି ଚିନ୍ତା ଘାରୁ ଥିଲା କି ଚିନ୍‌ରେ କିଭଳି ଅହମଦିୟତ୍ ଓ ଇସଲାମର ବାସ୍ତବିକ ବାର୍ତା ପହଂଚିଯାନ୍ତା । ଆମ୍ଭମାନଙ୍କୁ ଯେଉଁସ୍ଥଳେ ବୈକୁଣ୍ଠରେ ତାଙ୍କ ସ୍ତର ବୃଦ୍ଧି ନିମନ୍ତେ ଦୁଆ କରିବା ଉଚିତ୍ ସେହିସ୍ଥଳେ ଚିନ ଓ ବିଶ୍ୱର ଅନ୍ୟ ଦେଶମାନଙ୍କରେ ମଧ୍ୟ ଅହମଦିୟତ୍ ଓ ବାସ୍ତବିକ ଇସଲାମର ପ୍ରଚାର ପ୍ରସାର ନିମନ୍ତେ ଅତ୍ୟଧିକ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 04 July 2019 Issue No. 27

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୭ ଅକ୍ଟୋବର ୨୦୧୮(ଶନିବାର)**

**ଫ୍ୟାମିଲି ସାକ୍ଷାତକାରର ବଳକା ଅଂଶ**

ଆଜିର ଏହି ସାକ୍ଷାତକାର ସେହି ଲୋକମାନଙ୍କର ଖିଲାଫତ ସହିତ ସଂପର୍କକୁ ବହୁତ ସୁଦୃଢ଼ କରିଛି । ଏହି କ୍ଷଣ ଗୁଡ଼ିକ ସେମାନଙ୍କୁ ସର୍ବଦା ମନେ ରହିବ । ସେହି ଲୋକମାନଙ୍କ ମଧ୍ୟରେ ଯେଉଁ ଉତ୍ସାହ ସୃଷ୍ଟି ହୋଇଛି ଏବେ ତାହା ମାଧ୍ୟମରେ ଇନ୍‌ଶାଅଲ୍ଲାଃ ମାର୍ଶଲି କମ୍ୟୁନିଟି ମଧ୍ୟରେ ତବଲିଗ କରିବାର ମାର୍ଗ ଉନ୍ମୁକ୍ତ ହେବ । ସେହି ଲୋକମାନେ ଏଠାରେ ତିନି ଚାରିଦିନ ରହିଲେ ଏମାନେ ମଧ୍ୟ ଅନ୍ୟ ଅହେମଦିଙ୍କ ପରି ସେହି ସବୁ ରାସ୍ତାଗୁଡ଼ିକରେ ଛିଡ଼ା ହୋଇଯାଉଥିଲେ । ଯେଉଁ ରାସ୍ତା ଦେଇ ହଜୁର ଅନଓ୍ୱର ମସ୍‌ଜିଦ ବା ନିଜର କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି ।

ଜଣେ ନୁତନ ଅହେମଦି ମହିଳା Arlynn sb ନିଜ ମୁବଲିଗଙ୍କୁ ବତାଇଲେ ଯେ, ମୁଁ ମଧ୍ୟ ରାସ୍ତାରେ ହଜୁର ଅନଓ୍ୱରଙ୍କୁ ଦର୍ଶନ କରିବା ପାଇଁ ଛିଡ଼ା ହୋଇଥିଲି ଯେତେବେଳେ ହଜୁର ଅନଓ୍ୱରଙ୍କୁ ନିଜ ସମ୍ମୁଖରେ ଯିବାର ଦେଖିଲି ସେତେବେଳେ ମୋ ଶରୀର ଶୂନ୍ ହୋଇଗଲା ଓ ଏପରି ଅନୁଭବ ହେଉଥିଲା ଯେପରି ମୋ ପାଦ ରୋକି ଯାଇଛି ଓ ମୁଁ ଚାଲିବା ଭୁଲିଯାଇଛି ମୋ ମଧ୍ୟରେ ଏକ ଅଲଗା ଅଜବ ପ୍ରକାରର ଅନୁଭବ ଥିଲା । ଅର୍ଥାତ୍ ଏକ ବିଶେଷ ଅନୁଭବକୁ ମୁଁ ନିଜ ମଧ୍ୟରେ ଅନୁଭବ କରୁଥିଲି ।

ସାକ୍ଷାତକାରର ଏହି ପ୍ରାଗ୍ରାମ ୩ଟା ପର୍ଯ୍ୟନ୍ତ ଜାରି ରହିଲା ଏହା ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁସ ସମିଇ ଠାରେ ପହଂଚି ଜୋହର୍ ଏବଂ ଅସର ନମାଜ୍ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳକୁ ପ୍ରତ୍ୟାଗମନ କଲେ ।

ଯମାତ୍ ଅହେମଦିୟା ହୋଷ୍ଟନ ନିଜର ଏହି ସେଟଂର ଓ କଂପ୍ଲେକ୍ସ ମଧ୍ୟରେ ଗୋଟିଏ ସୁନ୍ଦର ବଗିଚା ମଧ୍ୟ ବନାଇଛି ଯେଉଁଥିରେ ବିଭିନ୍ନ ପ୍ରକାରର ଫଳଗଛ ବିଦ୍ୟମାନ ରହିଛି ଓ ଫୁଲଗଛ ଗୁଡ଼ିକ ମଧ୍ୟ ରହିଛି ।

ପ୍ରୋଗ୍ରାମ ମୁତାବକ ଠିକ୍ ୪.୩୦ ମିନିଟ ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରି ବଗିଚା ଭିତରକୁ ପ୍ରବେଶ କଲେ ଓ ସେଠାରେ ଗୋଟିଏ ଚାରାଗଛ ରୋପଣ କଲେ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ଜରାଅତ୍ (କୃଷି ବିଭାଗ) ଶ୍ରୀମାନ୍ ପରଓ୍ୱେଜ୍ ହସନ୍ ବାଜଓ୍ୱା ସାହେବଙ୍କୁ ପଚାରି ବୁଝିଲେ ଯେ, ଏହି ବଗିଚାରେ କି କି ପ୍ରକାରର ଫଳଗଛମାନ ଅଛି । ଏଥିରେ ସେ ମହାଶୟ ଜଣକ କହିଲେ ଯେ, ମାଲଟା (ଟଭା) ଗଛ, ଛୋଟ ସାଇଜର କମଳା ଗଛ ମଧ୍ୟ ଅଛି, ନାସ୍‌ପାତି ମଧ୍ୟ ଅଛି, ଜାପାନୀ ଫଳ ମଧ୍ୟ ଲଗାଯାଇଛି, ଆଖୁ ମଧ୍ୟ ଲଗାଯାଇଛି ଏତଦ୍‌ବ୍ୟତିତ ନଡ଼ିଆ, ତାଳ, ଖଜୁରୀ ଗଛ ମଧ୍ୟ ଲାଗିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଥିରେ ଇଂଜିରି ଗଛ ମଧ୍ୟ ଲଗାନ୍ତୁ ପୁଣି କହିଲେ ପଉନା ଆଖୁ କାହିଁକି ଲଗାଉ ନାହାନ୍ତି ତାକୁ ମଧ୍ୟ ଲଗାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ଜରାଅତ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ, ମଞ୍ଜି ଗୁଡ଼ିକ କେଉଁଠାରେ ଲଗାଉଛ । ଏଥିରେ ସେ ମହାଶୟ ବତାଇଲେ ଯେ ମଞ୍ଜି ଇତ୍ୟାଦି ନିଜ ଘରେ ତଳି ପକାଉଛି ତା ପରେ ଚାରା ଗଛ ଗୁଡ଼ିକ ଏଠାକୁ ଆଣି ଲଗାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏବେ ଯେଉଁ ଚାରାଗଛଟିକୁ ମୁଁ ଏଠାରେ ଲଗାଇଲି ତାହା କେଉଁ ଗଛ ? ଏଥିରେ ସେ କହିଲେ ଯେ, ତାହା ଗୋଟିଏ ଫୁଲ ଗଛ ଓ ସେହି ଚାରାଟି ଗୋଟିଏ ଗଛ ହୋଇଥାଏ ଓ ତା ମଧ୍ୟରେ ବଡ଼ ସାଇଜର ଫୁଲ ଫୁଟିଥାଏ ଏ କଥାକୁ ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଫଳ ଗଛ ଲଗାଇବାର ଥିଲା ।

ଏହା ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମୁକ୍‌ରମ୍ ନାସିର୍ ହଫିଜ୍ ମଲକ୍ ସାହେବଙ୍କ ନିବେଦନ କରିବାରେ ତାଙ୍କ ଘରକୁ ଗଲେ । ଅଗଷ୍ଟ ୨୦୧୭ ମସିହାରେ ହୋଷ୍ଟନରେ ଗୋଟିଏ Hurricane (ସାମୁଦ୍ରିକ ଝଡ଼) ଆସିଥିଲା ଯଦ୍ୱାରା ତାଙ୍କ ଘର ଭିତରେ ବହୁତ ପାଣି ପଶିଯାଇଥିଲା ଫଳତ ଏମାନେ ପାଖାପାଖି ୮ ମାସ ପର୍ଯ୍ୟନ୍ତ ଅନ୍ୟ କେଉଁଠାରେ ବାସ କଲେ । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରି ବୁଝିଲେ ଯେ, ଘର ଏତେ ଉଚ୍ଚ ସ୍ଥାନରେ ଅଛି ତେବେ ସୁଧା ମଧ୍ୟ ପାଣି ଘର ଭିତରକୁ ପଶିଗଲା । ଏଥିରେ ସେ ମହାଶୟ ଜଣକ କହିଲେ ଯେ ଏହା ବହୁତ ବଡ଼ ଝଡ଼ବାତ୍ୟା ଥିଲା । ହଜୁର ଅନଓ୍ୱର ଅ:ବ:ଅ ବହୁତ ଶ୍ରଦ୍ଧାର ସହିତ ତାଙ୍କ ଘରକୁ ଦେଖିଲେ ସେହିପରି ଘରପଛ ପଟେ ଥିବା ବଗିଚାକୁ ମଧ୍ୟ ପରିଦର୍ଶନ କଲେ ସେଥିରେ ଅନାର, ଲୋକାଟ୍, ଆଲୁ, ମାଲଟା, ଗ୍ରେ ଫ୍ରୁଟ୍ ଏବଂ ଲିମ୍ବୁ ଜାତିୟ ଫଳ ଗଛ ଲଗାଯାଇଛି । ପାଖାପାଖି ୩୦ ମିନିଟ ରହିବା ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୫.୪୦ ମିନିଟ୍‌ରେ ସେଠାରୁ ପ୍ରତ୍ୟାବର୍ତନ କରିବା ପାଇଁ ବାହାରିଲେ ଏବଂ ଠିକ୍ ୬.୦୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁସ୍ ସମି ଠାରେ ପହଂଚିଲେ । ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫତର ଭିତରେ ପ୍ରବେଶ କଲେ ଯେଉଁଠାରେ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା ।

**ଫ୍ୟାମିଲି ସାକ୍ଷାତକାର**

ଆଜି ସଂଧ୍ୟାର ଏହି ଶେସନ୍‌ରେ ୫୨ଟି ପ୍ୟାମିଲିର ୨୩୬ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତକାର ନିମନ୍ତେ ଆସିଥିବା ଏହି ଫ୍ୟାମିଲି ଗୁଡ଼ିକ ଭିନ୍ନ ଭିନ୍ନ ୧୧ଟି ଯମାତରୁ ଆସିଥିଲି । କିଛି ସଦସ୍ୟ ଓ କିଛି ଫ୍ୟାମିଲି ବହୁତ ଲମ୍ବା ଯାତ୍ରା କରି ଏଠାରେ ପହଂଚିଥିଲେ । ସବୁଠାରୁ ଲମ୍ବା ଯାତ୍ରା କରି ଆସିଥିବା ଯମାତଟି ୧୧୦୦ ମାଇଲ ରାସ୍ତାକୁ ୧୫ଘଂଟା ସମୟ ଅତିବାହିତ କରି ପହଂଚିଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରାଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଏବଂ ଛୋଟଛୋଟ ପିଲାମାନଙ୍କୁ ବହୁତ ସ୍ନେହର ସହିତ ଚକଲେଟ ପ୍ରଦାନ କଲେ । ଏହି ସମସ୍ତ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

**ସାକ୍ଷାତକାର କରିଥିବା ସଦସ୍ୟମାନଙ୍କ ମନୋଭାବ**

ସାକ୍ଷାତ କରିଥିବା ଜଣେ ବନ୍ଧୁ ରାଣା କମର ମୁବାରକ୍ ସାହେବ ବର୍ଣ୍ଣନା କରିଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହା ଆମର ପ୍ରଥମ ସାକ୍ଷାତକାର ଥିଲା । ଆମେ ୬, ୭ ବର୍ଷ ପୂର୍ବେ ପାକିସ୍ତାନରୁ ଏଠାକୁ ଆସିଥିଲୁ । ଟେକ୍ସାସ ସହର ବହୁତ ସୌଭାଗ୍ୟଶାଳୀ ଯେ, ସେଥିରେ ଅଲ୍ଲାଃଙ୍କ ଖଲିଫାଙ୍କର ପବିତ୍ର ପାଦ ପଡ଼ିଛି । ଅହେମଦିୟତର ଉନ୍ନତିକୁ ଦେଖି ମୁଁ ଏହା କହିପାରିବି ଯେ, ଇନ୍‌ଶାଅଲ୍ଲାଃ ଏପରି ଏକ ସମୟ ଆସିବ ଯେତେବେଳେ ଲୋକମାନେ କହିବେ ଯେ, ଆମେ ଅମୁକ ବ୍ୟକ୍ତିଙ୍କୁ ଜାଣିଛୁ ଯିଏ ଖଲିଫାଙ୍କ ସହିତ ମିଶିଛି । ଏବେ ଯାଏଁ ଏମ୍.ଟି.ଏ ଦ୍ୱାରା ବା ଅଲ୍‌ଫଜଲ୍ ପ୍ରତ୍ରିକାରେ ଛପୁଥିବା ରିପୋର୍ଟରେ ଆମେ ଏହା ପଢୁଥିଲୁ ଯେ, ଖଲିଫାଙ୍କ ସହିତ ସାକ୍ଷାତକାର କରି ଲୋକମାନେ କ'ଣ ଅନୁଭବ କରୁଛନ୍ତି । ଆଜି ଅଲ୍ଲାଃ ତାଲା ଆମକୁ ସେହି ସୌଭାଗ୍ୟ ପ୍ରଦାନ କରିଛନ୍ତି କି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକରି ଏପରି ଅନୁଭବ ହେଉଛି ଯେପରି ହଜୁର ଆମ ସମସ୍ତଙ୍କୁ କେଉଁ କାଳରୁ ଜାଣିଛନ୍ତି । ହଜୁର ବହୁତ ସ୍ନେହର ସହିତ ମିଶୁଛନ୍ତି ଯଦ୍ୱାରା ସବୁପ୍ରକାରର ଅସୁବିଧା ଦୂର ହେଇଯାଉଛି ଓ ମନ ଶାନ୍ତିରେ ପୂରି ଯାଉଛି ।

ଅଜହର ବିଲାଲ୍ ଜଟ୍ ସାହେବ ନାମକ ଜଣେ ବନ୍ଧୁ ବର୍ଣ୍ଣନା କରୁଛନ୍ତି ଯେ, ସେ ୫ବର୍ଷ ପୂର୍ବେ ଆମେରିକା ଆସିଥିଲେ ଓ ଏହା ତାଙ୍କର ପ୍ରଥମ ସାକ୍ଷାତକାର ଥିଲା । ସେ କହୁଛନ୍ତି ମୋତେ ଏବେ ମଧ୍ୟ ଏମିତି ଲାଗୁଛି ଯେମିତି ମୁଁ ଆକାଶରେ ଉଡ଼ୁଛି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଶିବା ପରେ ଏକ ଅଲଗା ଶାନ୍ତି ମନରେ ଅବତୀର୍ଣ୍ଣ ହେଉଅଛି । ଅଲ୍ଲାଃ ତାଲା ଏହି ସୌଭାଗ୍ୟ ଓ ଏପରି ଦିନ ଆମର ଅନ୍ୟ ଅହେମଦି ଭାଇମାନଙ୍କୁ ମଧ୍ୟ ପ୍ରଦାନ କରନ୍ତୁ ।

ତାଙ୍କ ପତ୍ନୀ କହୁଛନ୍ତି ଯେ, ଆମେ ତ ପ୍ରତୀକ୍ଷଣ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖିବା ପାଇଁ ଲାଇନ ଲଗାଇ ଛିଡ଼ା ହେଇଥିଲୁ କାଳେ କେତେବେଳେ ନିଜ ପ୍ରୀୟ ଆକାଙ୍କର ସୁଦୃଷ୍ଟି ଆମ ଉପରେ ପଡ଼ିଯିବ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଟିଭିରେ ତ ଅନେକ ଥର ଦେଖିଅଛୁ କିନ୍ତୁ ନିଜ ସମ୍ମୁଖରେ ଦେଖିବାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରାରେ ଏତେ ମାତ୍ରାରେ ଦୃଷ୍ଟିଗୋଚର ହେଲା ଯେ ଆମ ଆଖି ସ୍ୱତଃପୃତଃ ଭାବରେ ହଜୁରଙ୍କ ସମ୍ମାନରେ ତଳକୁ ନଇଁ ପଡ଼ିଲା ।

ଜଣେ ଆଫ୍ରିକୀୟ ଆମେରିକିୟ ନୁତନ ଅହେମଦି ବନ୍ଧୁ ଅତାଉଲ ହାଦି ସାହେବ ଯିଏ ସେଂଟଲୁଇସ ସହର ସହିତ ସମ୍ବନ୍ଧ ରଖିଛନ୍ତି । ସେ ବର୍ଣ୍ଣନା କରୁଛନ୍ତି ଯେ, ମୁଁ କିଛି ବର୍ଷ ପୂର୍ବେ ବୟତ କରିଥିଲି ଓ ପୁଣି ଅଳ୍ପଦିନ ପରେ ମୋ ପତ୍ନୀ ମଧ୍ୟ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋ ପତ୍ନୀଙ୍କର ଏହା ପ୍ରଥମ ସାକ୍ଷାତକାର ଥିଲା । ସେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହେଉଥିଲେ କିନ୍ତୁ ଯେତେବେଳେ ଆମେ ସାକ୍ଷାତକାର ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦଫତର ମଧ୍ୟକୁ ପ୍ରବେଶ କଲୁ ସେତେବେଳେ ତାଙ୍କର ସମସ୍ତ ବ୍ୟତିବ୍ୟସ୍ତତା ଶାନ୍ତିରେ ପରିବର୍ତନ ହୋଇଗଲା । ମୋତେ ଏପରି ଜଣା ପଡୁଥିଲା ଯେପରି ଗୋଟିଏ ଜ୍ୟୋତିର କିରଣ ହଜୁର ଅନଓ୍ୱର ଅ:ବ:ଅଙ୍କ ଅସ୍ତିତ୍ୱରୁ ବାହାରି ତାଙ୍କ ମଧ୍ୟରେ ପ୍ରବେଶ ହେଉଥିଲା । ମୁଁ ନିଜେ ମଧ୍ୟ ଏପରି ଅନୁଭବ କରୁଥିଲି ଯେପରି ଗୋଟିଏ କୀଟ ଆଲୋକ ସମ୍ମୁଖରେ ଅନୁଭବ କରିଥାଏ । ଆଜି ଏହି ଐଶ୍ୱରିକ ଜ୍ୟୋତିର ଗୋଟିଏ କିରଣ ମୁଁ ନିଜ ସହିତ ସେଂଟଲୁଇସ୍ ନେଇ ଯାଉଛି ଓ ଆଶା କରୁଛି କି, ଏଥିରୁ ସେଠିକାର ଅନ୍ୟ ସଦସ୍ୟମାନେ ମଧ୍ୟ ଲାଭାନ୍ୱିତ ହେବେ ।

ଆଉ ଜଣେ ବନ୍ଧୁ ଜାବିର ଅହେମଦ ସାହେବ ଯିଏ ଆଟଂଲାଟାରୁ ୧୨ ଘଂଟାରୁ ଅଧିକା ସମୟ ଯାତ୍ରା ଅତିବାହିତ କରି ସାକ୍ଷାତକାର ନିମନ୍ତେ ଏଠାରେ ଆସି ପହଂଚିଥିଲେ । ସେ କହୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଜ୍ୟୋତିପୂର୍ଣ୍ଣ ଚେହେରାକୁ ଦେଖି ମଣିଷ ସ୍ୱତଃପୃତଃ କାନ୍ଦି ପକାଏ ଓ ନିଜର ଆବେଗ ଉପରେ କାବୁ ରଖି ପାରେ ନାହିଁ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ମୋ କାନ୍ଧ ମିଳାଇବାର ଅଭିଭାଷାକୁ ମଧ୍ୟ ପୁରଣ କଲେ । ଅଲ୍‌ହମ୍‌ଦୁଲିଲ୍ଲାଃ

୨୦୦୮ ମସିହାରେ ବୟତ କରିଥିବା ଜଣେ ବନ୍ଧୁ ମାଇକେଲ ବ୍ୟାନ୍ସ ସାହେବ ନିଜ ପତ୍ନୀଙ୍କ ସହିତ ଏହା ଖଲିଫାଙ୍କ ସଙ୍ଗେ ପ୍ରଥମେ ସାକ୍ଷାତ କରିଥିଲା । ସେ କହୁଛନ୍ତି ଯେ ସାକ୍ଷାତକାର ପୂର୍ବରୁ ଆମେ ଦୁଇ ଜଣ ବହୁତ ବ୍ୟତିବ୍ୟସ୍ତ ହୋଇଯାଇଥିଲୁ । ସାକ୍ଷାତକାର ଆରମ୍ଭ ହେବା ସମୟରେ ମୁଁ କିଛି କହିପାରୁନଥିଲି । ହଜୁର ଅନଓ୍ୱର ଅ:ବ:ଅଙ୍କ ଆଧ୍ୟତ୍ମିକ ବ୍ୟକ୍ତିତ୍ୱ ଅତ୍ୟନ୍ତ ପ୍ରଭାବଶାଳୀ । ମୁଁ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan